Postal Reg. No.GDP-40/2017-2019

بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 2

ସଂଖ୍ୟା ୫

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 23 ଫେବୃଆରୀ 2017 23 ତବ୍‌ଲିଗ୍ 1396 ହି.ଶ 25 ଯମାଦିଲ୍ ଅୱ୍‌ଲ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ଫଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଯଦି ଏ ନବୀ ନିଜେ ମିଥ୍ୟା ରଚନା କରି ଏହାକୁ ଆମ୍ଭର ବାର୍ତ୍ତା ବୋଲି କହନ୍ତେ ତେବେ ଆମ୍ଭେ ନିଶ୍ଚୟ ଦକ୍ଷିଣ ହସ୍ତ ଦ୍ୱାରା ତାଙ୍କୁ ଧରି ପକାନ୍ତୁ ପୁଣି ତାଙ୍କର ସେହି ଶିରାକୁ କାଟି ଦିଅନ୍ତୁ, ଯାହା ଜୀବନ ନାଟିକା ଅଟେ ।**

**ଏହା କି ପ୍ରକାର ଯୁକ୍ତି (ଦଲିଲ ଅଟେ) ଯେ ଯଦି ଆଁ ହଜ୍‌ରତ୍ ସ:ଆ:ସ କୌଣସି ମିଥ୍ୟା ରଚନା କରନ୍ତେ ତେବେ ସେ ବିନାଶ ହୋଇଯାନ୍ତେ ଏବଂ ସବୁ କିଛି ବିଗିଡ଼ି ଯାଆନ୍ତା କିନ୍ତୁ ଯଦି କେହି ଅନ୍ୟ ଏପରି ମିଥ୍ୟା ରଚନା କରେ ତେବେ ଅଲ୍ଲାଃ ନାରାଜ ହେଉନାହାଁନ୍ତି ବରଂ ତାଙ୍କ ସହିତ ପ୍ରେମ କରୁଛନ୍ତି ।**

ଯାହା କିଛି ଅଲ୍ଲାଃତାଲା ନିଜ ଅନୁକମ୍ପା ଓ କୃପା ଦ୍ୱାରା ମୋ ସହିତ ବ୍ୟବହାର କରୁଛନ୍ତି; ଏପରିକି ଏହି ଲମ୍ବା ଅବଧିରେ ପ୍ରତ୍ୟେକ ଦିନ ମୋ ପାଇଁ ଉନ୍ନତିର ଦିନ ଥିଲା ଏବଂ ପ୍ରତ୍ୟେକ ମୋକଦ୍ଦମା ଯାହା ମୋତେ ନିଶେଷ କରିବା ପାଇଁ କରାଯାଇଥିଲା, (କିନ୍ତୁ) ଅଲ୍ଲାଃତାଲା ଶତୃଙ୍କୁ ଅପମାନିତ କଲେ । ଯଦି ତୁମ୍ଭ ପାଖରେ ଉକ୍ତ ସମୟର ସାହାଯ୍ୟ ଓ ସହାୟତାର କୌଣସି ଦୃଷ୍ଟାନ୍ତ ଅଛି ତା'ହେଲେ ଉପସ୍ଥାପନ କର ।

## ହଜରତ ମସିହ ମଊଦ[ଆ.ସ]ଙ୍କ ନୀତି ବାଣୀ

୧୮ ତମ ନିଶାନ (ଚିହ୍ନ) - ଅଲ୍ଲାଃତାଲାଙ୍କର ଏ ବାଣୀ ଅଟେ ***ଓ୍ୱ ଲଓ ତକଓ୍ୱଲା ଆଲୈନା ବାଜଲ୍ ଅକାଓ୍ୱିଲ । ଲ ଅଖଜ୍‌ନା ମିନ୍‌ହୁ ବିଲ୍ ୟମିନ୍ । ସୁମ୍ମା ଲ କତଅ୍‌ନା ମିନ୍‌ହୁଲ୍ ଓ୍ୱତିନ୍*** । ଅର୍ଥାତ୍:- ଯଦି ଏହି ନବୀ ନିଜେ ମିଥ୍ୟା ରଚନା କରି ଏହାକୁ ଆମ୍ଭର ବାର୍ତ୍ତା ବୋଲି କୁହନ୍ତେ, ତେବେ ଆମ୍ଭେ ନିଶ୍ଚୟ ଦକ୍ଷିଣ ହସ୍ତ ଦ୍ୱାରା ତାହାଙ୍କୁ ଧରି ପକାନ୍ତୁ ଏବଂ ତାଙ୍କର ଜୀବନ ନାଟିକାକୁ କାଟି ଦିଅନ୍ତୁ । ଏହି ଆୟତ ଯଦିଚ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ବନ୍ଧରେ ଅବତୀର୍ଣ୍ଣ ହୋଇଛି କିନ୍ତୁ ଏହାର ଅର୍ଥ ସର୍ବସାଧାରଣ । ଯେପରି ସମ୍ପୂର୍ଣ୍ଣ କୋରାନ୍‌ରେ ମଧ୍ୟ ବାର୍ତ୍ତାଳାପ ଅଛି ଏବଂ ଅଧିକାଂଶ ଆଦେଶ ଓ ନିଷିଦ୍ଧର ସମ୍ବୋଧନ ଆଁ ହଜ୍‌ରତ୍ ସ:ଆ:ସ ହୋଇଥାନ୍ତି କିନ୍ତୁ ଉକ୍ତ ଆଦେଶ ଗୁଡିକରେ ଅନ୍ୟମାନେ ମଧ୍ୟ ଭାଗିଦାରୀ ହୋଇଥାନ୍ତି ବା ସେହି ଆଦେଶ ଗୁଡିକ ଅନ୍ୟମାନଙ୍କ ପାଇଁ ମଧ୍ୟ ହୋଇଥାଏ । ଯେପରି ଏହି ଆୟତ ***ଫଲା ତକୁଲ୍ଲହୁମା ଉଫ୍‌ଫିଉଁ ଓ୍ୱଲା ତନ୍‌ହର୍ ହୁମା ଓ୍ୱ କୁଲ୍ଲହୁମା କୌଲନ୍ କରିମା*** ଅର୍ଥାତ୍:- ନିଜ ମାତା ପିତାଙ୍କୁ କୌଣସି କଟୁ କଥା କୁହନାହିଁ ଏବଂ ଏପରି କଥା ତାଙ୍କୁ କୁହନାହିଁ ଯଦ୍ୱାରା ସେମାନଙ୍କର ମୁରବୀତ୍ୱ ଉପରେ କୌଣସି ଆଁଚ୍ ଆସିବ । ଏହି ଆୟତରେ ସମ୍ବୋଧନ ତ ଆଁ ହଜ୍‌ରତ୍ ସ:ଆ:ସ ଅଟନ୍ତି । କିନ୍ତୁ ବାସ୍ତବରେ ବାକ୍ୟର ସମ୍ବୋଧନ ପୁରା ଉମ୍ମତ (ଜାତି) ନିମନ୍ତେ କାରଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ଛୋଟ ଅବସ୍ଥାରେ ଆପଣଙ୍କ ମା ବାପାଙ୍କର କାଳ ହୋଇଯାଇଥିଲା । ଏହି ନିର୍ଦ୍ଦେଶରେ ଏକ ଭେଦ ମଧ୍ୟ ନିହିତ ଅଛି । ତାହା ଏହା ଅଟେ ଯେ ଜଣେ ଜ୍ଞାନୀ ଏହି ଆୟତରୁ ବୁଝିପାରିବ ଯେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସମ୍ବୋଧନ କରି କୁହାଗଲା ଯେ ତୁମେ ନିଜର ମାତା ପିତାଙ୍କର ଇଜ୍ଜତ କର ଏବଂ ପ୍ରତ୍ୟେକ କଥାବାର୍ତ୍ତାରେ ତାଙ୍କ ମୁରବୀ ପଣିଆର ଖିଆଲ ରଖ । ତା ହେଲେ ଅନ୍ୟମାନଙ୍କୁ ନିଜର ମା'ବାପାଙ୍କ ସହିତ କିପରି ଉତମ ବ୍ୟବହାର କରିବାକୁ ହେବ ତେଣୁ ଏଥିପ୍ରତି ଏହି ଦ୍ୱିତୀୟ ଆୟତଟି ଇଙ୍ଗିତ କରୁଛି । ***ଓ୍ୱ କଜା ରବ୍‌ବୁକା ଅଲ୍ଲା ତା ବୁଦୁ ଇଲ୍ଲା ଇୟାହୁ ଓ୍ୱବିଲ୍ ଓ୍ୱାଲେଦୈନେ ଏହ୍‌ସାନା*** ଅର୍ଥାତ୍:-ତୁମର ପାଳନ କର୍ତ୍ତା ଚାହୁଁଛନ୍ତି ଯେ ତୁମେ କେବଳ ତାଙ୍କ ଉପାସନା କର ଏବଂ ମା ବାପାଙ୍କ ସହିତ ଉପକାର କର । ଏହି ଆୟତରେ ବୁତ୍ ପରସ୍ତ (ଯେଉଁମାନେ ମୂର୍ତ୍ତି ପୂଜା କରନ୍ତି)ଙ୍କୁ ବୁଝାଇ ଦିଆଯାଇଛି ଯେ ମୂର୍ତ୍ତି (ଠାକୁର) କିଛି ନୁହେଁ ଓ ମୂର୍ତ୍ତିମାନେ ତୁମ୍ଭ ଉପରେ କୌଣସି ଉପକାର କରିନାହାଁନ୍ତି । ସେମାନେ ତୁମକୁ ଜନ୍ମ କରିନାହାଁନ୍ତି । ତୁମେ ଯେତେବେଳେ ଛୋଟ ଥିଲ ସେତେବେଳେ ତୁମ୍ଭର ପାଳନ କରିନଥିଲେ । ଯଦି ଅଲ୍ଲାଃତାଲା ଉଚିତ ମଣିଥାନ୍ତା ଯେ ତା ସହିତ ଆଉ କାହାର ଉପାସନା କରାଯାଉବୋଲି ତେବେ ସେ ଆଦେଶ ଦିଅନ୍ତା ଯେ ମା'ବାପାଙ୍କର ମଧ୍ୟ ପୂଜା କରାଯାଉ କାରଣ ସେମାନେ ମଧ୍ୟ ଉପଲକ୍ଷଣାତ୍ମକ ପାଳନକର୍ତ୍ତା ଅଟନ୍ତି । ପ୍ରତ୍ୟେକ ବ୍ୟକ୍ତି ପ୍ରାକୃତିକ ଅବସ୍ଥାରେ, ଏପରିକି ପଶୁ ପକ୍ଷୀମାନେ ମଧ୍ୟ ନିଜ ସନ୍ତାନମାନଙ୍କୁ ସେମାନଙ୍କ ଛୋଟ ଅବସ୍ଥାରେ ନଷ୍ଟ ହେବାରୁ ବଂଚାଇଥାନ୍ତି । ତେଣୁ ଅଲ୍ଲାଃଙ୍କ ପାଳନପୋଷଣ ଅନ୍ତେ ସେମାନଙ୍କର ମଧ୍ୟ ଏକ ପ୍ରକାର ପାଳନ ପୋଷଣ (ଦାୟିତ୍ୱ) ଅଛି । ଉକ୍ତ ପାଳନ ପୋଷଣର ଉଦ୍‌ଗାର (ଯୋଶ୍) ମଧ୍ୟ ଅଲ୍ଲାଃଙ୍କ ନିକଟରୁ ଆସିଥାଏ ।

ଏହି ଆକ୍ଷେପମୂଳକ ବାକ୍ୟପରେ ଆମେ ଅସଲ କଥାକୁ ଲେଉଟି ଆସି କହୁଛୁ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ବନ୍ଧରେ କହିଲେ ଯେ ଯଦି ସେ ଆମ ସମ୍ପର୍କରେ କିଛି ମିଥ୍ୟାରୋପ କରିଥାନ୍ତା ତେବେ ଆମେ ତାକୁ ନିଃଶେଷ କରିଦେଇଥାନ୍ତୁ । ଏହାର ଅର୍ଥ ଏହା ନୁହେଁ ଯେ କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ପର୍କରେ ଅଲ୍ଲାଃତାଲା ନିଜର ସ୍ୱାଭିମାନ୍ (ଆତ୍ମସମ୍ମାନ) ପ୍ରକଟ କରିଛନ୍ତି ଯେ ଯଦି ଆପଣ ମିଥ୍ୟାରୋପ କରିଥାନ୍ତେ ତେବେ ଆପଣଙ୍କୁ ହଲାକ (ନିଃଶେଷ) କରି ଦେଇଥାନ୍ତା କିନ୍ତୁ ଅନ୍ୟମାନଙ୍କ ନିମନ୍ତେ ଏ ଆତ୍ମସମ୍ମାନ ନାହିଁ । ଅନ୍ୟମାନେ କେତେ ହିଁ ଅଲ୍ଲାଃଙ୍କ ଉପରେ ମିଥ୍ୟାରୋପ କରନ୍ତୁ ନା କାହିଁକି ଏବଂ ମିଥ୍ୟା ଐଶ୍ୱରିକବାଣୀ ତିଆରି କରି ଅଲ୍ଲାଃଙ୍କ ତରଫରୁ ଆସିଛି ବୋଲି କହି କୁହନ୍ତୁ ନା କାହିଁକି ତେବେ ମଧ୍ୟ ତାଙ୍କ ସମ୍ପର୍କରେ ଅଲ୍ଲାଃଙ୍କ ଆତ୍ମସମ୍ମାନ ଉଦ୍‌ଗାର ହୁଅନ୍ତା ନାହିଁ । ଏହି ବିଚାର ଯେପରି ଯୁକ୍ତିଯୁକ୍ତ ନୁହେଁ ସେହିପରି ଅଲ୍ଲାଃଙ୍କ ସମସ୍ତ ପୁସ୍ତକର ବିରୁଦ୍ଧାଚରଣ ମଧ୍ୟ ଅଟେ । ଏ ପର୍ଯ୍ୟନ୍ତ ତୌରାତ୍‌ରେ ମଧ୍ୟ ଏ ପଙ୍‌କ୍ତି ରହିଅଛି ଯେ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ଉପରେ ମିଥ୍ୟାରୋପ କରିବ ଏବଂ ମିଛରେ ନବୀର ଦାବୀ କରିବ ସେ ହଲାକ (ନିଃଶେଷ) ହୋଇଯିବ । ଏତତ୍‌ବ୍ୟତୀତ ପ୍ରାରମ୍ଭରୁ ଇସ୍‌ଲାମୀୟ ଓ୍ୱଲେମାମାନେ *ଲଓ ତକଓ୍ୱଲା ଆଲୈନା* ଆୟତକୁ ଇସାଇ ଲବଂ ୟୁହୁଦିମାନଙ୍କ ସମ୍ମୁଖରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟତା ନିମନ୍ତେ ଦଲିଲ୍ ରୂପେ ପେଶ୍ କରି ଆସୁଛନ୍ତି ଏବଂ ବାସ୍ତବରେ ଯେପର୍ଯ୍ୟନ୍ତ କୌଣସି କଥା ସର୍ବସାଧାରଣ ନହୁଏ ତାହା ଦଲିଲ୍‌ର କାର୍ଯ୍ୟ କରି ନଥାଏ । ଏହା କଣ ଦଲିଲ୍ ହୋଇପାରିବ ଯେ ଆଁ ହଜ୍‌ରତ୍ ସ:ଆ:ସ ଯଦି ମିଥ୍ୟାରୋପ କରନ୍ତେ ତେବେ ହଲାକ୍ ହୁଅନ୍ତେ ଏବଂ ସବୁକାର୍ଯ୍ୟ ବିଗିଡ଼ି ଯାଆନ୍ତା କିନ୍ତୁ ଯଦି ଅନ୍ୟକେହି ମିଥ୍ୟାରୋପ କରନ୍ତି ତେବେ ଅଲ୍ଲାଃତାଲା ନାରାଜ ହୁଅନ୍ତେ ନାହିଁ ବରଂ ତାଙ୍କ ସହିତ ପ୍ରେମ କରନ୍ତେ ଏବଂ ତାଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ଅଧିକ ଅବସର ଦିଅନ୍ତେ ଏବଂ ତାଙ୍କର ସାହାଯ୍ୟ ଏବଂ ସହଯୋଗ କରନ୍ତେ, ଏହାର ନାମ ଦଲିଲ୍ ରଖିବା ଉଚିତ୍ ନୁହେଁ ବରଂ ଏହା ତ ଏକ ଦାବି ଅଟେ ଯାହା ନିଜେ ଦଲିଲ୍‌ର ଆବଶ୍ୟକ କରୁଛି । ଦୁଃଖର ବିଷୟ ମୋ ଶତୃତାରେ ସେମାନଙ୍କର ଅବସ୍ଥା କେଉଁଠି ପହଂଚିଲାଣି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିଦର୍ଶନ ଉପରେ ମଧ୍ୟ ଆକ୍ରମଣ କରୁଛନ୍ତି । ସେମାନେ ଜାଣିଛନ୍ତି ଯେ ମୋର ଏହି ଦାବି ଓ୍ୱହି ଓ ଏଲ୍‌ହାମ୍‌କୁ ୨୫ ବର୍ଷରୁ ଅଧିକ ସମୟ ବିତିଗଲାଣି ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଆବିର୍ଭାବ ସମୟଠାରୁ ମଧ୍ୟ ଅଧିକା । କାରଣ ତାହା ୨୩ ବର୍ଷ ଥିଲା ଏବଂ ଏହାକୁ ୩୦ ବର୍ଷ ପାଖାପାଖି ହୋଇଗଲାଣି । ଜଣାନାହିଁ ଯେ କେଉଁ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ନିକଟରେ ମୋର ଏହି ସମୟ ଚାଲିବ । ତେଣୁ ଉକ୍ତ ଲୋକମାନେ ନିଜକୁ ମୌଲବୀ କହିବା ସତ୍ତ୍ୱେ ମଧ୍ୟ ଏହା କହୁଛନ୍ତି ଯେ ଜଣେ ଅଲ୍ଲାଃଙ୍କ ଉପରେ ମିଥ୍ୟାରୋପ କରିବା ବ୍ୟକ୍ତି ଓ ମିଛୁଆ ମୁଲ୍‌ହମ୍ ହେବା ବ୍ୟକ୍ତି ନିଜର ମିଥ୍ୟା ରଚନାର ପ୍ରାରମ୍ଭରୁ ୩୦ ବର୍ଷ ପର୍ଯ୍ୟନ୍ତ ମଧ୍ୟ ଜୀବିତ ରହି ପାରିବ ଏବଂ ଅଲ୍ଲାଃତାଲା ତାଙ୍କୁ ସାହାଯ୍ୟ ଓ ସହଯୋଗ ମଧ୍ୟ କରିପାରିବେ । କିନ୍ତୁ ଏହାର କୌଣସି ଦୃଷ୍ଟାନ୍ତ ଉପସ୍ଥାପନ କରୁନାହାଁନ୍ତି । ହେ ମୂଢ଼ବ୍ୟକ୍ତିଗଣ ! ମିଛ କହିବା ଏବଂ ବିଷ୍ଠା ଖାଇବା ସମାନ ଅଟେ । ଯାହାକିଛି ଅଲ୍ଲାଃତାଲା ତାର କୃପା ମୋ ଉପରେ କରିଛି ଏପରିକି ଏହି ଲମ୍ବା ଅବଧି ମଧ୍ୟରେ* ପ୍ରତ୍ୟେକ ଦିନ ମୋ ପାଇଁ ଉନ୍ନତିର ଦିନ ଥିଲା ଏବଂ ପ୍ରତ୍ୟେକ ମୋକଦ୍ଦମା ଯାହା ମୋତେ ନିଃଶେଷ କରିବା ପାଇଁ କରାଯାଇଥିଲା, କିନ୍ତୁ ଅଲ୍ଲାଃତାଲା ଶତୃଙ୍କୁ ଅପମାନିତ କଲେ । ଯଦି ତୁମ୍ଭ ପାଖରେ ସେହି ସମୟର ସାହାଯ୍ୟ ଓ ସହାୟତାର କୌଣସି ଦୃଷ୍ଟାନ୍ତ ଅଛି ତାହେଲେ ଉପସ୍ଥାପନ କର ନଚେତ୍ ଏହି ଆୟତ ଅନୁଯାୟୀ ଲଓ ତକଓ୍ୱଲା ଆଲୈନା ର ଚିହ୍ନ ମଧ୍ୟ ସାବ୍ୟସ୍ତ ହୋଇଗଲା ଯଦ୍ୱାରା ତୁମକୁ ପଚରାଯିବ । *(ରୁହାନି ଖଜାଏନ୍, ଖଣ୍ଡ-୨୨, ହକିକତୁଲ୍ ଓ୍ୱହି, ପୃଷ୍ଠା -୨୧୩-୨୧୫)*

---

*ଜାଣିରଖନ୍ତୁ ଯେ ଯଦି ମୋ ଏଲ୍‌ହାମ୍‌ର ଯୁଗକୁ ସେହି ତାରିଖଠାରୁ ନିଆଯାଏ ଯେବେ ବରାହିନେ ଅହେମଦୀୟାର ପ୍ରଥମ ଖଣ୍ଡ ଲେଖା ହୋଇଥିଲା ତେବେ ସେହି ବର୍ଷଠାରୁ ଏପର୍ଯ୍ୟନ୍ତ ମୋ ଏଲ୍‌ହାମ୍‌ର ସମୟ ୨୭ ବର୍ଷ ପାଖାପାଖି ହେବ । ଯଦି ବରାହିନେ ଅହେମଦୀୟାର ଚତୁର୍ଥ ଖଣ୍ଡଠାରୁ ଗଣାଯାଏ ତେବେ ୨୫ବର୍ଷ ବିତିଗଲାଣି ଏବଂ ଯଦି ସେ ସମୟକୁ ନିଆଯାଏ ଯେବେ ପ୍ରଥମେ ଏଲ୍‌ହାନ୍ ଆରମ୍ଭ ହେଲା ତେବେ ତାକୁ ୩୦ ବର୍ଷ ହୋଇଗଲାଣି ।

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଇସଲାମରେ ବହୁପତ୍ନୀକ ବିବାହ

ସମାଜରେ ନାରୀ ଏବେ ମଧ୍ୟ ଏକ ଦ୍ୱିତୀୟ ଶ୍ରେଣୀ ନାଗରିକ ରୂପେ ପରିଗଣିତ ଓ ପୁରୁଷ ପ୍ରଧାନ ପାଶ୍ଚାତ୍ୟ ଦେଶମାନେ ସେମାନଙ୍କୁ ରକ୍ଷଣଶୀଳ ଓ ଅନୁନ୍ନତ ବିବେଚନା କରନ୍ତି । କିନ୍ତୁ ଇସଲାମରେ ପୁରୁଷ ଓ ନାରୀମାନଙ୍କ ନୈତିକ, ଆଧ୍ୟାତ୍ମିକ ଓ ଆର୍ଥିକ ସମାନତା ଦୃଷ୍ଟିରୁ ଉଭୟଙ୍କ କାର୍ଯ୍ୟକଳାପରେ ପ୍ରଭେଦ, ବିବାହ, ଛାଡ଼ପତ୍ର ତଥା ବହୁପତ୍ନୀ ଗ୍ରହଣ ବିଷୟରେ ଏପରି ଶିକ୍ଷା ରହିଛି, ଯାହା ଉଭୟଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ । ଭୂଲ ବୁଝାମଣାର ଶିକାର ହୋଇଥିବା ଏପରି ଏକ ବିଷୟ ହେଉଛି ବହୁ ବିବାହ (Polygamy) ।

ବିବାହ ଏକ ପବିତ୍ର ବନ୍ଧନ ବା Sacretment ଯାହାକୁ ଇସଲାମରେ ନବ ଦମ୍ପତିଙ୍କ ମଧ୍ୟରେ ଏକ ସାମାଜିକ ଚୁକ୍ତି (Social contract) ବୋଲି ଧରାଯାଏ । ପଣ୍ଡିତମାନେ ଗବେଷଣା କରି କହିଛନ୍ତି ଯେ ଋକ୍ ବେଦ ସମୟରୁ ବୈଦିକ ରୀତିରେ ବିବାହ ପରମ୍ପରା ଆରମ୍ଭ ହୋଇଥିଲା । ତେବେ ଯୁଗେ ଯୁଗେ ସ୍ତ୍ରୀ ଜାତି ସ୍ୱଭାବତଃ ପୁରୁଷ ଉପରେ ନିର୍ଭରଶୀଳ । ତେଣୁ କୁହାଯାଇଛି 'ବିନାଶ୍ରୟେ ନବର୍ତନ୍ତେ କବିତା ବନିତା ଲତା' । ଆଚାର ସଂହିତାରେ ସ୍ୱାମୀ ହିଁ ସ୍ତ୍ରୀର ଇହକାଳ ଓ ପରକାଳର ଦେବତା । ପତି ପରମେଶ୍ୱର ଭାବନାକୁ ଅଧିକ ପ୍ରସ୍ଫୁଟିତ କରି ହଜରତ ମୁହମ୍ମଦ ନାରୀ ଜାତିକୁ କହିଥିଲେ, 'ଯଦି ଈଶ୍ୱରଙ୍କ ପରେ କାହାକୁ ଉପାସନା କରିବାର ଅନୁମତି ଦିଆଯାଇଥାନ୍ତା, ତା'ହେଲେ ମୁଁ କହିଥାନ୍ତି, ତୁମେ ନିଜ ସ୍ୱାମୀଙ୍କୁ ସଜ୍‌ଦାଃ କର' । ତାହା ନିକାହର ଘୋଷଣା ନାମା ଦ୍ୱାରା ପରସ୍ପର ପ୍ରତି କର୍ତବ୍ୟ ପାଳନ କରିବାର ପ୍ରତିଶ୍ରୁତି ହେଉ ଅବା ଈଶ୍ୱର ଭୟ(ତକ୍‌ୱା) ପ୍ରତି ସଚେତନତା, ପୁଣି ତାହା ଅଗ୍ନିକୁ ସାକ୍ଷୀରଖି ବିବାହ କରିଥିବା ଜଣେ ହିନ୍ଦୁ ନାରୀର ସାବିତ୍ରୀ ବ୍ରତ ପାଳନ ଦ୍ୱାରା ସ୍ୱାମୀଙ୍କ ଦୀର୍ଘାୟୁ କାମନା ହେଉ କିମ୍ବା ପତିବ୍ରତାର ଆଜୀବନ ସଂକଳ୍ପ । ଏହିପରି ଇସଲାମରେ ବିବାହର ଚରମ ଉଦ୍ଦେଶ୍ୟ ହେଉଛି ସତୀତ୍ୱ, ସିଦ୍ଧି, ତୃପ୍ତି ଓ ବଂଶରକ୍ଷା ମାଧ୍ୟମରେ ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରିବା ।

ତେବେ ବହୁପତ୍ନୀ ଗ୍ରହଣକୁ କୌଣସି ଧର୍ମରେ ଐଶ୍ୱରିକ ନିର୍ଦ୍ଦେଶ ଦ୍ୱାରା ନିଷିଦ୍ଧ କରାଯାଇ ନାହିଁ କିମ୍ବା ଇସଲାମ ବ୍ୟତୀତ ଅନ୍ୟ କେଉଁଠାରେ ପତ୍ନୀ ସଂଖ୍ୟା ସୀମିତ କରାଯାଇ ନାହିଁ । ଏହା ଏକାଧିକ ପତ୍ନୀ ଗ୍ରହଣ କରିବାର ଅନୁମତି ଦେଇଛି ସତ, କିନ୍ତୁ ତାହା ବାଧ୍ୟତାମୂଳକ ନୁହେଁ । ବରଂ ସେମାନଙ୍କ ସଂଖ୍ୟା ଚାରି ମଧ୍ୟରେ ସୀମିତ ରଖିଛି । କିନ୍ତୁ ସର୍ତ ହେଉଛି, 'ସ୍ତ୍ରୀମାନଙ୍କ ମଧ୍ୟରେ ଯଦି ନ୍ୟାୟ ବିଚାର କରି ପାରିବ ନାହିଁ ବୋଲି ଆଶଙ୍କା ହୁଏ, ତେବେ ଜଣକୁ ମାତ୍ର ବିବାହ କର' । ଫଇନ୍ ଖିଫ୍‌ତୁମ୍ ଅଲ୍ ଲା ତାଦେଲୁ ଫୱାହିଦତୁନ୍' (ଅନ୍-ନିସା ୪) । ଅର୍ଥାତ ସେମାନଙ୍କୁ ସମାନ ଅଧିକାର ଦେଇ ନପାରିଲେ ଗୋଟିଏ ପତ୍ନୀ ହିଁ ତୁମ ପାଇଁ ଯଥେଷ୍ଟ ।

ସୁତରାଂ ମନୁଷ୍ୟ ସମାଜ ତିଷ୍ଠି ରହିବା ପାଇଁ ବିବାହର ତାତ୍ପର୍ଯ୍ୟ ଅତି ଗୁରୁତ୍ୱପୂର୍ଣ୍ଣ । ବିଷ୍ଣୁ ପୁରାଣରେ ଉଲ୍ଲେଖ ରହିଛି ଯେ ବ୍ରହ୍ମାଙ୍କ ମାନସ ପୁତ୍ରମାନେ ନିଜ ନିଜ ବଂଶ ବିସ୍ତାର କରିବା ପାଇଁ ଦାବୀ କରିବାରୁ ସେ ଅର୍ଦ୍ଧନାରୀଶ୍ୱରଙ୍କୁ ସୃଷ୍ଟି କରିଥିଲେ । ପରବ□ୀ କାଳରେ ତାହା ଦୁଇ ଭାଗରେ ବିଭାଜିତ ହୋଇ ଆଦିତି ଓ ଶତରୂପାଙ୍କ ଆବିର୍ଭାବ ଘଟିଲା ଏବଂ ସେମାନଙ୍କ ଶାରୀରିକ ମିଳନରୁ ସୃଷ୍ଟି ହେଲା ମନୁଷ୍ୟ ସମାଜ । ବାଇବେଲ ଅନୁଯାୟୀ ଆଦମ ଓ ଇଭ୍ ନିଷିଦ୍ଧ ବୃକ୍ଷର ଫଳ ଖାଇବା ଯୋଗୁଁ ସେମାନଙ୍କୁ ସ୍ୱର୍ଗର ପାରିଜାତରୁ ମର୍ତ୍ୟକୁ ପଠାଇ ଦିଆଗଲା । (Genesis3:16-17) ସେହିପରି କୋରାନ୍ ଘୋଷଣା କରେ, 'ଅଲ୍ଲାଃ ତୁମମାନଙ୍କୁ ଗୋଟିଏ ମାତ୍ର ଜୀବକୋଷରୁ ସୃଷ୍ଟି କରିଛନ୍ତି ଓ ତନ୍ମଧ୍ୟରୁ ତାହାର ଯୋଡ଼ା ତିଆରି କରିଛନ୍ତି, ଯେପରିକି ପୁରୁଷ ନାରୀ ପ୍ରତି ଅନୁରକ୍ତ ହୋଇ ସନ୍ତୋଷ ଲାଭ କରିବ' **(ଅଲ୍-ଆରାଫ୍ ୧୯୦)** ଏଥିରୁ ସ୍ପଷ୍ଟ ଯେ ଯଦି ଜଣେ ସ୍ତ୍ରୀର ଗର୍ଭରେ ସନ୍ତାନ ପାଇଁ ପ୍ରଜନନ କ୍ଷମତା ନଥିବ, ତା'ହେଲେ ବଂଶରକ୍ଷା ପାଇଁ ଅନ୍ୟ ଜଣେ ନାରୀକୁ ପତ୍ନୀ ରୂପେ ଗ୍ରହଣ କରିବା ସ୍ୱାଗତଯୋଗ୍ୟ । କିନ୍ତୁ ଏଥିପାଇଁ ସର୍ତ ହେଉଛି ପୁରୁଷ ଗୃହକର୍ତା ରୂପେ ନବାଗତା ପତ୍ନୀର ଭରଣପୋଷଣ ଦାୟୀତ୍ୱ ତୁଲାଇ ପାରୁଥିବ ।

ସେହିପରି ବହୁ ପତ୍ନୀକ ବିବାହକୁ ଷଷ୍ଠ ଶତାବ୍ଦୀ ବେଳକୁ ଏଥିଯୋଗୁଁ ଆଇନ ସଂଗତ କରାଗଲା ଯେ ଯଦି ଜଣେ ବିବାହିତା ନାରୀ କୌଣସି ତାଡ଼ନାର ଶୀକାର ହୋଇ ସତୀତ୍ୱ ହରାଇ ବସୁଥିଲା, ତାକୁ ବ୍ୟଭିଚାରିଣୀର ଅପବାଦରୁ ରକ୍ଷା କରିବା ପାଇଁ ଅନ୍ୟତ୍ର ବିବାହ କରି ଦେଉଥିଲେ । ପୁଣି ପୁରୁଷମାନେ ଯୁଦ୍ଧରେ ନିୟୋଜିତ ହୋଇ ଅଧିକ ସଂଖ୍ୟାରେ ପ୍ରାଣ ହରାଉଥିଲେ । ଫଳରେ ପୁରୁଷମାନଙ୍କ ସଂଖ୍ୟା ହ୍ରାସ ପାଇବା ସ୍ୱାଭାବିକ । ତେଣୁ ଯେଉଁ ମହିଳାମାନେ ବିଧବା ହୋଇ ଯାଉଥିଲେ, ଦ୍ୱିତୀୟ ବିବାହ ଦ୍ୱାରା ସେମାନଙ୍କୁ ସମାଜରେ ସମ୍ମାନର ସହ ବଂଚିବା ତଥା ସୁରକ୍ଷା ପାଇଁ ସୁଯୋଗ ଦିଆଯାଉଥିଲା । ମୁହମ୍ମଦ କହିଥିଲେ, 'ଜଣେ ବିଧବା ନାରୀର ବିବାହକୁ ତାହାର ପରାମର୍ଶ ବିନା ସ୍ୱୀକୃତି ଦିଆଯିବ ନାହିଁ' । ଏପରିକି ଜଣେ କୁମାରୀ କନ୍ୟାର ପିତା ତା'ର ଇଚ୍ଛା ବିରୁଦ୍ଧରେ ଜଣେ ଯୁବକ ସହିତ ଜବରଦସ୍ତି ବିବାହ କରି ଦେବାରୁ ମହମ୍ମଦ 'ଫରଦିନ ନିକାହ୍' କହି ସେହି ବିବାହକୁ ରଦ୍ଦ କରିଦେଲେ । (ବୁଖାରି ଓ ମୁସଲିମ) । ସେ ସ୍ୱୟଂ ଏହାର ଉତ୍କୃଷ୍ଟ ଉଦାହରଣ ଦେଖାଇ କେବଳ ନିଜ ଗୋତ୍ରରେ ବା କୋରେଶ ବଂଶରେ ବିବାହ କରି ନଥିଲେ, ବରଂ ଇସ୍ରାଇଲୀୟ ଓ ଅନ୍ୟ ଆରବୀୟ ଜାତିମାନଙ୍କରୁ ମଧ୍ୟ ପତ୍ନୀ ଗ୍ରହଣ କରିଥିଲେ । କାରଣ ସମ ମତାବଲମ୍ବୀଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହେବା ଶ୍ରେୟସ୍କର । **(ଅଲ୍ ବକରା ୨୨୨)**

ସୁତରାଂ ଦିବ୍ୟ ଅବତାର ନିଜ ଯୌନ କ୍ଷୁଧା ମେଂଟାଇବା ପାଇଁ ଏକାଧିକ ପତ୍ନୀ ବିବାହ କରି ନଥିଲେ, ବରଂ ୨୫ବର୍ଷର ପୂର୍ଣ୍ଣ ଯୌବନପ୍ରାପ୍ତ ଯୁବକ ପ୍ରଥମେ ବିବାହ କରିଥିଲେ ୪୦ବର୍ଷ ବୟସ୍କା ଜଣେ ବିଧବା ମହିଳା-ଖଦିଜାଙ୍କୁ । ଯିଏ ନିଜର ସମସ୍ତ ଧନ ସଂପତି, ଦାସ ଦାସୀମାନଙ୍କୁ ତାଙ୍କ ଶ୍ରୀଚରଣ ତଳେ ଅଜାଡ଼ି ଦେଇଥିଲେ । ସେସବୁ ବୈଭବକୁ ଗରୀବମାନଙ୍କ ମଧ୍ୟରେ ବିତରଣ କରିଥିଲେ ଓ ଗୋଲାମମାନଙ୍କୁ ଦାସତ୍ୱରୁ ମୁକ୍ତ କରି ଦେଇଥିଲେ । କିପରି ଜଣେ କାମାସକ୍ତ ବ୍ୟକ୍ତି ଏପରି ଆଦର୍ଶ ଦେଖାଇପାରେ ! ଯେଉଁ ଆଦର୍ଶ ଆରମ୍ଭ ହୋଇଥିଲା ମଧ୍ୟଯୁଗୀୟ ନାଇଟ ସଂପ୍ରଦାୟର ସମ୍ରାଟ ଆର୍ଥରଙ୍କ ଦରବାରରୁ । ତାହା ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେଲା ମୁହମ୍ମଦଙ୍କ ଠାରେ । ସେ ନାରୀମାନଙ୍କ ଚିନ୍ତା ଓ ଚେତନାର ପ୍ରତୀକ ସାଜି ପୁରୁଷମାନଙ୍କ ଦୌରାତ୍ମ୍ୟରୁ ଉଦ୍ଧାର କରିଥିଲେ । ସେ ଐଶି କଳାରେ ବିଭୁଷିତ ଦେବୋତମ ପୁରୁଷ ବୋଲାଇଥିଲେ ମଧ୍ୟ ଅସହାୟ ମହିଳା ଓ ଅନାଥ ଶିଶୁଙ୍କ କର୍ଣ୍ଣଧାର ହୋଇ ଜଣେ ସାଧାରଣ ସ୍ୱାମୀର କର୍ତବ୍ୟ ନିର୍ବାହ କରିଥିଲେ । ସେ ନାରୀ ଚରିତ୍ରକୁ ଭଲ ଭାବରେ ବୁଝିଥିବାରୁ କହିଥିଲେ: 'ନାରୀର କୌଣସି ସ୍ୱଭାବଗତ ଗୁଣକୁ ତୁମେ ଘୃଣା ବା ନାପସନ୍ଦ କରନାହିଁ, କାରଣ ତାର ପ୍ରଚ୍ଛନ୍ନରେ ଲୁଚି ରହିଥିବା ଅନ୍ୟ କେଉଁ ସଦଗୁଣ ପୁରୁଷକୁ ବିମୋହିତ କରିପାରେ (ସହି ବୁଖାରି) । ପୁଣି କୋରନ କହିଛି, ପତ୍ନୀର ସ୍ୱଅର୍ଜିତ ଧନ ଉପରେ ପତିର କୌଣସି ଅଧିକାର ନାହିଁ । ସ୍ତ୍ରୀ ରୋଜଗାର କରୁଥିଲେ ମଧ୍ୟ ସ୍ୱାମୀ ତତ୍ୱାବଧାରକ ରୂପେ ପରିବାରର ପ୍ରତିପୋଷଣ କରିବାକୁ ବାଧ୍ୟ **(ଅଲ୍-ନିସା ୩୩)** ।

ପୁଣି କୋରାନ ଏହା ମଧ୍ୟ କହିଛି ଯେ ଚିରକୁମାର ରହି ବ୍ରହ୍ମଚର୍ଯ୍ୟ ପାଳନକୁ ପାଥେୟ କରିବାକୁ ଆମ୍ଭେ ନିର୍ଦ୍ଦେଶ ଦେଇ ନଥିଲୁ । ଯେହେତୁ ଏହା ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିବାର ମାର୍ଗ ନୁହେଁ **(ଅଲ-ହଦିଦ:୨୮)** ଇସଲାମ ଏକ ପକ୍ଷେ ଅବିବାହିତମାନଙ୍କ ବ୍ରହ୍ମଚାରୀ ଜୀବନ ଶୈଳୀ (ରହବାନିୟତ)କୁ ବାରଣ କରେ ଏବଂ ଅନ୍ୟପକ୍ଷେ ବ୍ୟଭିଚାର ଓ ନିର୍ଲଜତାକୁ ଅବୈଧ ଘୋଷଣା କରି ବିବାହର ଶୃଙ୍ଖଳିତ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରେ **(ମସନଦ୍, ଭାଗ-୨, ପୃ-୨୨୬)** । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଯେଉଁ ଅବିବାହିତା ଯୁବତୀମାନେ ଅବୈଧ ଯୌନାଚାରରେ ଲିପ୍ତ, ସେମାନଙ୍କ ମଧ୍ୟରୁ ଶତକଡ଼ା ୬୦ ଭାଗଙ୍କ ଶରୀରରେ ଏଡ୍‌ସ ଭୂତାଣୁ ରହିଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଜଣେ ପୁରୁଷ ଏକାଧିକ ସ୍ତ୍ରୀ ରଖିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼େନାହିଁ, କିନ୍ତୁ ଜଣେ ସ୍ତ୍ରୀ ଏକାଧିକ ପୁରୁଷ ସହିତ ଯୌନ ସଂପର୍କ ରକ୍ଷା କରିବା ଦ୍ୱାରା ବିଭିନ୍ନ ରୋଗର ଶୀକାର ହୋଇଥାନ୍ତି । ଏହାର ଦୃଷ୍ଟାନ୍ତ ହେଉଛି ଏଡ୍‌ସର ଭୟାବହତା, ଯାହା ମହାମାରୀ ରୂପେ ୨୦୦୨ ମସିହାଠାରୁ ପୃଥିବୀରେ କାୟା ବିସ୍ତାର କରିଛି । ଏହି କାରଣରୁ ନ୍ୟାୟ ସଂଗତ ଉପାୟରେ ଏକାଧିକ ପତ୍ନୀ ଗ୍ରହଣ ସମାଜର କୌଣସି କ୍ଷତି କରେନାହିଁ, ବରଂ ଯୌନ ଅପରାଧରୁ ମୁକ୍ତ ଏକ ସ୍ୱଚ୍ଛ ସମାଜ ଗଠନ କରେ । ଆଜିକାଲି ଅବୈଧ ନବଜାତ ଶିଶୁ ଓ ଅବିବାହିତ ଗର୍ଭବତୀ ମହିଳାଙ୍କ ସଂଖ୍ୟା ୟୁରୋପୀୟ ଦେଶମାନଙ୍କରେ ଯେପରି ଦ୍ରୁତ ଗତିରେ ବଢ଼ି ଚାଲିଛି, ସେଥିରୁ ମନୁଷ୍ୟ ସମାଜକୁ ରକ୍ଷା କରିବାର ଏହା ଏକ ଯୁଗୋପଯୋଗୀ ପଦକ୍ଷେପ ।

ଯେହେତୁ ପ୍ରେମର ସମ୍ବନ୍ଧ ହୃଦୟ ସହିତ ଜଡ଼ିତ, ତେଣୁ ଏହା ଅସମ୍ଭବ ଯେ ପ୍ରତ୍ୟେକ ପତ୍ନୀ ସହିତ ପତି ଏକା ପରି ପ୍ରେମ କରିବ । କିନ୍ତୁ ସମାନ ନ୍ୟାୟ ଦେବା, ତାହାର ଅକ୍ତିଆରରେ ରହିଛି । ତେଣୁ ନୈତିକତା ଆଧାରରେ ପତ୍ନୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିପାରିଲେ ଏହା ଏକ ପତ୍ନୀ ଗ୍ରହଣ ଭଳି ସମ୍ମାନଯୋଗ୍ୟ ବିଷୟ ହୋଇପାରେ, ଯାହା ପତ୍ନୀ ଓ ସନ୍ତାନମାନଙ୍କ ମଧ୍ୟରେ କୌଣସି ପାତର ଅନ୍ତର ରଖିବ ନାହିଁ **(ଅଲ-ନିସା ୧୩୦)** । ତେଣୁ ମୁସଲମାନମାନଙ୍କ ମଧ୍ୟରେ ଏକାଧିକ ପତ୍ନୀ ଗ୍ରହଣ ଏକ ଅପବାଦ ବା କଳଙ୍କ ନୁହେଁ ।

ନାରୀ ବିନା ପୁରୁଷର ପୌରୁଷତ୍ୱ ଅଙ୍ଗହୀନ, ସେହିପରି ପୁରୁଷ ବିନା ନାରୀର ନାରୀତ୍ୱ ରସହୀନ । ତେଣୁ ସ୍ତ୍ରୀ ସ୍ୱାମୀର ଅର୍ଦ୍ଧାଙ୍ଗିନୀ ବୋଲି କୁହାଯାଏ । ନାରୀ ପୁରୁଷର ଏହି ଶାଶ୍ୱତ ସମ୍ପର୍କକୁ ଲପଲବ୍ଧି କରି ହଜରତ ମୁହମ୍ମଦ ସମାଜରେ ଉପେକ୍ଷିତ, ଉତ୍ପୀଡ଼ିତ ନାରୀମାନଙ୍କ ଥଇଥାନ ପାଇଁ ବହୁବିବାହକୁ ଏକ ଉତମ ମାଧ୍ୟମ ରୂପେ ପ୍ରଚଳନ କରିଥିଲେ । ସେ ସର୍ବଦା ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା ଦିଗରେ ପ୍ରଚାର ଓ ପ୍ରସାର ପାଇଁ ନିଜ ପତ୍ନୀମାନଙ୍କ ସହଯୋଗ ଲୋଡୁଥିଲେ । ନିଜର ସର୍ବ କନିଷ୍ଠା ପତ୍ନୀ ସମ୍ବନ୍ଧରେ କହିଥିଲେ, 'ଆଏସାଙ୍କ ଠାରୁ ଇସଲାମୀୟ ସିଦ୍ଧାନ୍ତର ଅର୍ଦ୍ଧେକ ଜ୍ଞାନ ଅର୍ଜନ କରାଯାଇପାରେ' । ସୁତରାଂ ମୁସଲିମ ମହିଳା ଓ ଧର୍ମବିଦୁଷୀଗଣ ତାଙ୍କଠାରୁ ଯୁଦ୍ଧବିଦ୍ୟା, କଳା, ସାହିତ୍ୟ, ବିଜ୍ଞାନ ଓ ଚିକିତ୍ସା କ୍ଷେତ୍ରରେ ଶିକ୍ଷା ଗ୍ରହଣ କରୁଥିଲେ, ଯାହାର ଆବଶ୍ୟକତା ଆଧୁନିକ ମୁସଲିମ ସମାଜରେ ଆଜି ଦେଖାଦେଇଛି ।

**ଇଂ. ରୌଶନ୍ ଖାନ୍**
ସହକାରୀ ନିର୍ବାହୀ ଯନ୍ତ୍ରୀ, ସମ୍ବଲପୁର
ଅଧ୍ୟକ୍ଷ, ରିଭ୍ୟୁ କମିଟି, ଓଡିଶା
ମୋ. ୯୪୩୭୬୮୪୮୫୯

# ଖୁତ୍‌ବା ଜୁମା

◆ଆମ୍ଭମାନଙ୍କ ମଧ୍ୟରୁ କାହାକୁବା ଅଜଣା ଯେ, ନମାଜ ପାଠ କରିବା ପ୍ରତ୍ୟେକ ମୁସଲମାନର କର୍ତ୍ତବ୍ୟ । ପବିତ୍ର କୋରାନର ଅନେକ ସ୍ଥାନରେ ବିଭିନ୍ନ ଶୈଳିରେ ନମାଜର ଗୁରୁତ୍ୱ ଦର୍ଶାଇ ଏଥିପ୍ରତି ଧ୍ୟାନ ଆକର୍ଷିତ କରାଯାଇଛି । ହଜରତ ମହମ୍ମଦ ସ.ଆ କୁହନ୍ତି ନମାଜ ଉପାସନାର ସାରମର୍ମ ଅଟେ । ଆପଣ ଆହୁରି କୁହନ୍ତି ନମାଜ ପାଠ ନକରୁଥିବା ମଣିଷ କୁଫର୍ ଓ ଶିରକ୍‌ର ନିକଟବର୍ତୀ ହୋଇଥାଏ । ପୁନଶ୍ଚ ଆପଣ ନମାଜର ଗୁରୁତ୍ୱ ଦର୍ଶାଇ କୁହନ୍ତି ଅନ୍ତିମ ଦିବସରେ ସର୍ବ ପ୍ରଥମେ ଭକ୍ତମାନଙ୍କ ଠାରୁ ଯାହାର ହିସାବ ନିଆଯିବ ତାହା ନମାଜ ଅଟେ ।

◆ହଜରତ ମହମ୍ମଦ ସ.ଆ ପିଲାମାନଙ୍କୁ ନମାଜର ଅଭ୍ୟସ୍ତ କରିବା ନିମନ୍ତେ କୁହନ୍ତି- ପିଲାମାନଙ୍କୁ ସାତ ବର୍ଷ ହୋଇଗଲେ ସେମାନଙ୍କୁ ନମାଜ ପାଠ ନିମନ୍ତେ ନିର୍ଦ୍ଦେଶ ଦିଅ ଏବଂ ଦଶ ବର୍ଷ ବୟସରେ ଯଦି ସେମାନଙ୍କୁ ନମାଜି ରୂପେ ଗଢି ତୋଳିବା ପାଇଁ କଠୋର ହେବାକୁ ପଡ଼େ ତେବେ ତାହା ମଧ୍ୟ କର । ଯଦି ପିତାମାତା ହିଁ ନମାଜ ପଢୁ ନଥିବେ ତେବେ ସେମାନେ କିଭଳି ନିଜ ପିଲାମାନଙ୍କୁ ନମାଜ ପଢିବାର ଉପଦେଶ ଦେବେ ।

◆ଦେଖ ହଜରତ ମହମ୍ମଦ ସ.ଆ:ସ କୁହନ୍ତି- ତୁମେ ଚିନ୍ତା କର ଯେ ଯଦି କାହାର ଦ୍ୱାର ସମ୍ମୁଖରେ ଗୋଟିଏ ନଦୀ ବହିଯାଇଥାଏ ଏବଂ ସେ ସେଥିରେ ପ୍ରତିଦିନ ପାଂଚ ବେଳା ସ୍ନାନ କରୁଥାଏ ତେବେ କଣ ତାହା ଶରୀରରେ କୌଣସି ମଇଳା ବାକି ରହିବ । ସାହାବା ଉତର ଦେଲେ ୟା ରସୁଲୁଲ୍ଲାଃ ! ନିଃସନ୍ଦେହ କୌଣସି ମଇଳା ରହିବ ନାହିଁ । ଏଥିରେ ଆପଣ କହିଲେ ଏହି ଉଦାହରଣ ପାଂଚ ବେଳା ନମାଜ ପାଠ କରିବାର ମଧ୍ୟ ଅଟେ ।

◆ଆପଣ ସ:ଆ:ସ କୁହନ୍ତି ଯେ ଘରୁ ଓ୍ୱଜୁ କରି ନମାଜ ପାଠ କରିବା ନିମନ୍ତେ ମସଜିଦ୍‌କୁ ଯାଏ ତେବେ ମସଜିଦ୍ ଅଭିମୁଖେ ଯିବାରେ ସେ ଯେତେଥର ପାଦ ଉଠାଇଥାଏ, ତାହାର ପ୍ରତି ପାଦରେ ଗୋଟିଏ ଦୋଷ କ୍ଷମା ହେବା ସହିତ ଅନ୍ୟ ପାଦ ଉଠାଇବାରେ ତାର (ଆଧ୍ୟାତ୍ମିକତାରେ) ଗୋଟିଏ ସ୍ତର ବୃଦ୍ଧି ହୋଇଥାଏ । ଅର୍ଥାତ ପ୍ରତ୍ୟେକ ପାଦରେ ସେ ପୂଣ୍ୟ ଅର୍ଜନ କରିଥାଏ ।

◆ପ୍ରତ୍ୟେକ ଜ୍ଞାନବନ୍ତ ଓ ସାବାଳକ ଯୁବକ ନିମନ୍ତେ ଜମାଅତ ସହ ନମାଜ ପଢିବା ବାଧ୍ୟତାମୂଳକ ଅଟେ । କିନ୍ତୁ ଆମେ ଦେଖୁଅଛେ ଯେ, ଏଥିପ୍ରତି ଲୋକମାନଙ୍କର ଧ୍ୟାନ ନାହିଁ ଏବଂ ସେମାନେ ଏଥିରେ ଦୁର୍ବଳ ଅଟନ୍ତି । ନିଃସନ୍ଦେହ ଜଣେ ସଚ୍ଚୋଟ ମୋମିନର ନମାଜ ପାଠ କରିବା କର୍ତବ୍ୟ ଅଟେ ଏବଂ ଏଥିପ୍ରତି ସେ ସ୍ୱୟଂ ଧ୍ୟାନ ଦେବା ଉଚିତ ।

◆କିନ୍ତୁ ଜମାଅତର ଏକ ବ୍ୟବସ୍ଥା ମଧ୍ୟ ରହିଛି । ସେମାନେ ମଧ୍ୟ ଏପରି ଦୁର୍ବଳ ଲୋକମାନଙ୍କ ଧ୍ୟାନ ଆକର୍ଷିତ କରିବା ନିମନ୍ତେ ପଦକ୍ଷେପ ନେବା ଉଚିତ୍ । ସେମାନଙ୍କୁ ନମାଜର ବିଶେଷତ୍ୱ ସ୍ପଷ୍ଟ ରୂପେ ବୁଝାଇବା ଉଚିତ୍ । ମୁଁ ମଧ୍ୟ ଅନେକ ସମୟରେ ଖୁତବାରେ ଏଥିପ୍ରତି ଧ୍ୟାନ ଆକର୍ଷିତ କରିଥାଏ କିନ୍ତୁ ଏହାକୁ ସଂପ୍ରସାରିତ କରିବା ମୁରବୀମାନଙ୍କ ଓ ଜମାଆତି ବ୍ୟବସ୍ଥାର ବିଭିନ୍ନ ବିଭାଗରେ ଥିବା ଅଧିକାରୀମାନଙ୍କ କାର୍ଯ୍ୟ । ନମାଜ ପାଠ କରିବାର ଗୁରୁତ୍ୱ ସମ୍ପର୍କରେ ଜମାଅତର ପ୍ରତ୍ୟେକ ସଦସ୍ୟଙ୍କୁ ବାରମ୍ବାର ଅବଗତ କରାନ୍ତୁ ।

◆ପ୍ରକୃତରେ ଆମେ ଅହେମଦି ହେବାର କର୍ତବ୍ୟ ସେତେବେଳେ ସମ୍ପୂର୍ଣ୍ଣ କରିପାରିବା ଯେତେବେଳେ ଆମେ ନିଜ ନମାଜର ସୁରକ୍ଷା କରିବା ସହିତ ସେଥିରୁ ଆଧ୍ୟାତ୍ମିକ ସୁଖ ପ୍ରାପ୍ତ କରିବା ଏବଂ ଯେତେବେଳେ ନମାଜରୁ ଆମ୍ଭେ ଏହି ଆଧ୍ୟାତ୍ମିକ ଆନନ୍ଦ ଓ ଇନ୍ଦ୍ରିୟ ସୁଖ ଲାଭ କରିବା ସେତେବେଳେ ନମାଜ ପାଠ ପ୍ରତି ସ୍ୱୟଂ ଆମ୍ଭର ଆଗ୍ରହ ସୃଷ୍ଟି ହେବ ।

◆ଅନେକ ଲୋକ ମୋତେ ପତ୍ର ଲେଖୁଛନ୍ତି କି ଯଦି ଯୁଦ୍ଧ ଆରମ୍ଭ ହୁଏ ତେବେ କଣ ହେବ, ଆମେ କଣ କରିବୁ ? ସେମାନଙ୍କୁ ମୁଁ ଏହି ଉତର ଦେଇଥାଏ ଯେ, ଯଦି ଏପରି ଭୟଙ୍କର ବିପତିରୁ ରକ୍ଷା ପାଇବାକୁ ଚାହୁଁଛ ତେବେ ଯେପରିକି ହଜରତ ମସିହ ମଉଦ ଆ.ସ କୁହନ୍ତି- ଅଲ୍ଲାଃ ଯେ କି ଅସାଧାରଣ ନିଦର୍ଶନ ପ୍ରକଟକାରୀ ତାଙ୍କ ସହ ପ୍ରେମ କରିବାକୁ ହେବ । ଏଥିପାଇଁ କେବଳ ଗୋଟିଏ ମାର୍ଗ ରହିଛି ଯେ ନିଜ ନମାଜ ଓ ଉପାସନାକୁ ତାଙ୍କ ଆଦେଶ ମୁତାବକ ଢାଳି ସେଥିରୁ ପ୍ରକୃତ ଆନନ୍ଦ ଓ ଶାନ୍ତି ପ୍ରାପ୍ତ କରିବାକୁ ଚେଷ୍ଟା କରିବା ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୨୦ ଜାନୁଆରୀ ୨୦୧୭ ଅନୁଯାୟୀ ୨୦ ସୁଲାହ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ

اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ.

اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ – ଆମ୍ଭମାନଙ୍କ ମଧ୍ୟରୁ କାହାକୁବା ଅଜଣା ଯେ, ନମାଜ ପାଠ କରିବା ପ୍ରତ୍ୟେକ ମୁସଲମାନର କର୍ତବ୍ୟ । ପବିତ୍ର କୋରାନର ଅନେକ ସ୍ଥାନରେ ବିଭିନ୍ନ ଶୈଳିରେ ନମାଜର ଗୁରୁତ୍ୱ ଦର୍ଶାଇ ଏଥିପ୍ରତି ଧ୍ୟାନ ଆକର୍ଷିତ କରାଯାଇଛି । ହଜରତ ମହମ୍ମଦ ସ.ଆ କୁହନ୍ତି ନମାଜ ଉପାସନାର ସାରମର୍ମ ଅଟେ । *(ଉଦ୍ଧୃତ ସୁନନ ତିର୍‌ମିଜି କିତାବୁଲ୍ ଦାଓ୍ୱାତ୍ ଅଧ୍ୟାୟ ମା ଯାଆଫି ଫଜଲୁଦ୍ ଦୁଆ, ହଦିସ୍ ନଂ-୩୩୭୧)*

ସୁତରାଂ ଆପଣ ଆହୁରି କୁହନ୍ତି ନମାଜ ପାଠ ନକରୁଥିବା ମଣିଷ କୁଫର୍ ଓ ଶିରକ୍‌ର ନିକଟବର୍ତୀ ହୋଇଥାଏ । ***(ସହି ମୁସ୍‌ଲିମ୍ କିତାବୁଲ୍ ଇମାନ୍ ଅଧ୍ୟାୟ ବୟାନ୍ ଇତ୍‌ଲାକ୍....ତର୍‌କୁସ୍ ସଲାତ୍ ହଦିସ୍-୧୪୯)***

ପୁନଶ୍ଚ ଆପଣ ନମାଜର ଗୁରୁତ୍ୱ ଦର୍ଶାଇ କୁହନ୍ତି ଅନ୍ତିମ ଦିବସରେ ସର୍ବ ପ୍ରଥମେ ଭକ୍ତମାନଙ୍କ ଠାରୁ ଯାହାର ହିସାବ ନିଆଯିବ ତାହା ନମାଜ ଅଟେ । ଯଦି ଏହି ହିସାବ ଠିକ୍ ରହିଲା ତେବେ ସଫଳତା ଓ ମୋକ୍ଷ ପାଇଗଲ ନଚେତ୍ ଅସଫଳତାର ସମ୍ମୁଖୀନ ହୋଇ କ୍ଷତି ହାସଲ କଲ । ***(ସୁନନ ତିର୍‌ମିଜି ଅଧ୍ୟାୟ ଅସ୍ ସଲାତ୍... ମା ଯୁହାସିବ୍...ହଦିସ୍ ନଂ-୪୧୩)***

ପୁଣି ହଜରତ ମହମ୍ମଦ ସ.ଆ:ସ ପିଲାମାନଙ୍କୁ ନମାଜର ଅଭ୍ୟସ୍ତ କରିବା ନିମନ୍ତେ କୁହନ୍ତି- ପିଲାମାନଙ୍କୁ ସାତ ବର୍ଷ ହୋଇଗଲେ ସେମାନଙ୍କୁ ନମାଜ ପାଠ ନିମନ୍ତେ ନିର୍ଦ୍ଦେଶ ଦିଅ ଏବଂ ଦଶ ବର୍ଷ ବୟସରେ ଯଦି ସେମାନଙ୍କୁ ନମାଜି ରୂପେ ଗଢି ତୋଳିବା ପାଇଁ କଠୋର ହେବାକୁ ପଡ଼େ ତେବେ ତାହା ମଧ୍ୟ କର । ***(ସୁନନ ଅବୁଦାଉଦ୍ କିତାବୁସ୍ ସଲାତ୍...ହଦିସ-୪୯୫)***

ଯଦି ପିତାମାତା ହିଁ ନମାଜ ପଢୁ ନଥିବେ ତେବେ ସେମାନେ କିଭଳି

ନିଜ ପିଲାମାନଙ୍କୁ ନମାଜ ପଢିବାର ଉପଦେଶ ଦେବେ । କିମ୍ୱା ଯଦି ପିଲାମାନେ ଜଲସା ଅବା ଅନ୍ୟ କୌଣସି ମାଧ୍ୟମରେ ହଜୁର ସ.ଆଙ୍କ (ନମାଜ ସମ୍ୱନ୍ଧୀୟ) ହଦିସ୍ ଶୁଣି ନିଅନ୍ତି କିନ୍ତୁ ଘରେ ସେମାନେ ନିଜ ପିତାଙ୍କୁ ନମାଜ ପଢୁ ନଥିବାର ଦେଖନ୍ତି ତେବେ ସେମାନଙ୍କ ଉପରେ ତାହାର କଣ ପ୍ରଭାବ ପଡ଼ିବ ? ନିଶ୍ଚିତ ଭାବରେ ଏପରି ପିତାମାନଙ୍କ ସନ୍ତାନମାନେ ମନେ କରିବେ ଯେ ଏହି ଆଦେଶର କୌଣସି ଗୁରୁତ୍ୱ ନାହିଁ । ସାଂସାରିକ କାମନା ପୂରଣ ଓ ନିଜ ପିଲାମାନଙ୍କ ସାଂସାରିକ ଉନ୍ନତି ନିମନ୍ତେ ପିତାମାତା ବେଶ୍ ଚିନ୍ତିତ ଥାନ୍ତି କିନ୍ତୁ ପ୍ରକୃତ ଚିନ୍ତା କରିବାର (ବିଷୟ) ପ୍ରତି ସେମାନଙ୍କର ଧ୍ୟାନ ନାହିଁ । ଦେଖ ହଜରତ ମହମ୍ମଦ ସ.ଆ:ସ କୁହନ୍ତି- ତୁମେ ଚିନ୍ତା କର ଯେ ଯଦି କାହାର ଦ୍ୱାର ସମ୍ମୁଖରେ ଗୋଟିଏ ନଦୀ ବହିଯାଇଥାଏ ଏବଂ ସେ ସେଥିରେ ପ୍ରତିଦିନ ପାଂଚ ବେଳା ସ୍ନାନ କରୁଥାଏ ତେବେ କଣ ତାହା ଶରୀରରେ କୌଣସି ମଇଳା ବାକି ରହିବ । ସାହାବା ଉତର ଦେଲେ ୟା ରସୁଲୁଲ୍ଲାଃ ! ନିଃସନ୍ଦେହ କୌଣସି ମଇଳା ରହିବ ନାହିଁ । ଏଥିରେ ଆପଣ କହିଲେ ଏହି ଉଦାହରଣ ପାଂଚ ବେଳା ନମାଜ ପାଠ କରିବାର ମଧ୍ୟ ଅଟେ । ଏତତ୍ ଦ୍ୱାରା ଅଲ୍ଲାଃ ଆମ୍ଭର ଦୋଷ କ୍ଷମା କରିବା ସହିତ ଆମ ଦୁର୍ବଳତାଗୁଡ଼ିକୁ ମଧ୍ୟ ଦୂର କରିଥାନ୍ତି । ***(ସହି ବୁଖାରି କିତାବ୍ ମଉଆକିତୁସ୍‌ସଲାତ୍...ହଦିସ୍-୫୨୮)*** ପାଂଚ ବେଳା ନମାଜ ପାଠ କରୁଥିବା ବ୍ୟକ୍ତିର ଆତ୍ମାରେ କୌଣସି ମଇଳା ବାକି ରହିନଥାଏ ।

ଏହା ଅଟେ ନମାଜର ଗୁରୁତ୍ୱ ଯାହାକି ଆପଣ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ଆମ୍ଭକୁ ବୁଝାଇଦେଲେ । ଆପଣ କୁହନ୍ତି ଯେ ଘରୁ ଓ୍ୱଜୁ କରି ନମାଜ ପାଠ କରିବା ନିମନ୍ତେ ମସଜିଦ୍‌କୁ ଯାଏ ତେବେ ମସଜିଦ୍ ଅଭିମୁଖେ ଯିବାରେ ସେ ଯେତେଥର ପାଦ ଉଠାଇଥାଏ, ତାହାର ପ୍ରତି ପାଦରେ ଗୋଟିଏ ଦୋଷ କ୍ଷମା ହେବା ସହିତ ଅନ୍ୟ ପାଦ ଉଠାଇବାରେ ତାର (ଆଧ୍ୟାତ୍ମିକତାରେ) ଗୋଟିଏ ସ୍ତର ବୃଦ୍ଧି ହୋଇଥାଏ । ଅର୍ଥାତ ପ୍ରତ୍ୟେକ ପାଦରେ ସେ ପୂଣ୍ୟ ଅର୍ଜନ କରିଥାଏ । ***(ସହି ମୁସ୍‌ଲିମ୍ କିତାବୁଲ୍ ମସାଜିଦ୍...ହଦିସ୍-୧୪୦୬)***

ଆଉ ଏକ ସ୍ଥାନରେ ହଜରତ ମହମ୍ମଦ ସ.ଆ ନମାଜର ଗୁରୁତ୍ୱ ଦର୍ଶାଇ କୁହନ୍ତି- କଣ ମୁଁ ତୁମକୁ ଏପରି କିଛି କଥା ଶିକ୍ଷା ଦେବି ନାହିଁ ଯେଉଁଥିରେ ଅଲ୍ଲାଃ ତୁମର ଦୋଷ କ୍ଷମା କରିବା ସହିତ ତୁମର ସ୍ତର ବୃଦ୍ଧି କରିଥାନ୍ତି ? ସାହାବାମାନେ ଯେ କି ଏପରି (ପୂଣ୍ୟ ଅର୍ଜନର ସୁତ୍ର) ଜାଣିବା ପାଇଁ ପ୍ରତିଟି ମୂହୁର୍ତ୍ତ ଅତିବାହିତ କରୁଥିଲେ କି ଆମ୍ଭମାନଙ୍କୁ କେତେବେଳେ ଏହି ସୁଯୋଗ ମିଳିବ ଏବଂ ଆମେ ଅଲ୍ଲାଃଙ୍କ ପ୍ରିତିଭାଜନ ଲାଭ କରିବାକୁ ଚେଷ୍ଟା କରିବା ସହିତ ତାଙ୍କର ସାନିଧ୍ୟ ଲାଭ କରିବୁ ଓ ନିଜ ଦୋଷ ମାର୍ଜନା କରିବୁ, ଉତ୍କଣ୍ଠିତ ହୋଇ କହିଲେ ୟା ରସୁଲୁଲ୍ଲାଃ ! ନିଶ୍ଚିତ କୁହନ୍ତୁ, ଆପଣ କହିଲେ ଇଚ୍ଛା ହେଉନଥିବା ସତ୍ୱେ ଭଲ ଭାବରେ ଓ୍ୱଜୁ କରିବା ଓ ଦୂରରୁ ଚାଲିଚାଲି ମସଜିଦ୍‌କୁ ଆସିବା ଏବଂ ଗୋଟିଏ ନମାଜ ପାଠ କରିବା ପରେ ପରବର୍ତୀ ନମାଜ ପାଇଁ ଅପେକ୍ଷା କରିବା ସେହି ବ୍ୟକ୍ତିକୁ ଅପକର୍ମରୁ ଦୂରେଇ ଦେଇଥାଏ । ଆପଣ କହିଲେ କେହିଲେ କେବଳ ଏତିକି ନୁହେଁ ବରଂ ଏହା ଏକ ପ୍ରକାରର ରିବାତ୍ ଅଟେ । (ସହି ମୁସ୍‌ଲିମ୍ କିତାବୁଲ୍ ତାହାରତ୍...ହଦିସ୍-୪୭୫) ଅର୍ଥାତ ଦେଶର ସୀମା ରେଖା ନିକଟରେ ଛାଉଣୀ ତିଆରୀ କରି ପହରା ଦେବା । ଯେପରିକି ଦେଶର ସାମରୀକ ବାହିନୀଙ୍କୁ ସୀମାରେଖାରେ ମୁତୟନ କରାଯାଇଥାଏ । ସୀମାରେ ଛାଉଣି କାହିଁକି ପ୍ରତିଷ୍ଠା କରାଯାଏ ? ଯେପରି ମୁଁ କହିଲି ଯେ ନିଜ ଦେଶର ସୁରକ୍ଷା ପାଇଁ ଯଦ୍ୱାରା ଶତୃର ଆକ୍ରମଣରୁ ଦେଶକୁ ରକ୍ଷା କରାଯାଇପାରିବ । ଯଦି ଆକ୍ରମଣ ହୁଏ ଯଥାଶିଘ୍ର ତାର ମୁକାବିଲା ପାଇଁ ପ୍ରସ୍ତୁତି ହୋଇପାରିବ ।

ତେଣୁ ଜଣେ ମୋମିନଙ୍କ ପାଇଁ ସବୁଠାରୁ ବଡ଼ ବିପଦ ଯେଉଁଥିରୁ ତାକୁ ବଂଚିବାକୁ ଆବଶ୍ୟକ ଅଛି, ଯାହାଠାରୁ ବଂଚିବା ପାଇଁ ଛାଉଣି ପ୍ରତିଷ୍ଠା କରିବାର ଆବଶ୍ୟକ ତାହା ସେହି ବିପଦ ସଇତାନର ଅଟେ । ଭୌତିକ ଇଛାର ବିପଦ ଅଛି ଯାହାକୁ ସଇତାନ୍ ମନ ଭିତରେ ଜନ୍ମ କରାଇଥାଏ । ତା ସାହାଯ୍ୟରେ ସଇତାନ ଆକ୍ରମଣ ମଧ୍ୟ କରିଥାଏ । ତେଣୁ ସେଥିରୁ ବଂଚିବା ପାଇଁ ହେଲେ ବାଯମାତ ନମାଜର ଛାଉଣି ଆବଶ୍ୟକ ହୋଇଥାଏ । ଏହା ହିଁ ଆରକ୍ଷୀ ବାହିନୀର ଦଳ ଯିଏ ସଇତାନ୍‌ର ଆକ୍ରମଣରୁ ଆମ୍ଭକୁ ବଂଚାଇବ, ପାପରୁ ମନୁଷ୍ୟକୁ ବଂଚାଇବ ଏବଂ ପୁଣ୍ୟ ଆଡ଼କୁ ଧ୍ୟାନ ଆକର୍ଷଣ କରାଇବ ।

ସେହିପରି ହଜରତ ମହମ୍ମଦ ସ.ଆ:ସ କୁହନ୍ତି ଏକାକି ନମାଜ ପାଠ କରିବା ଅପେକ୍ଷା ଜମାଅତ ସହ ନମାଜ ପାଠ କଲେ ୨୭ ଗୁଣ ଅଧିକ ପୂଣ୍ୟ ଲାଭ ହୋଇଥାଏ । ***(ସହି ବୁଖାରି କିତାବୁଲ୍ ଆଜାନ୍...ହଦିସ-୬୪୫)*** ହଜରତ ମସିହ ମଉଦ ଆ:ସ ଜମାଅତ ସହ ମିଳିତ ଭାବରେ ନମାଜ ପାଠ କରିବାର ଗୁରୁତ୍ୱ ବର୍ଣ୍ଣନା କରି ଗୋଟିଏ ସ୍ଥାନରେ କୁହନ୍ତି – ‘‘ଜମାଅତ ସହ ମିଳିତ ଭାବରେ ନମାଜ ପାଠ କଲେ ଅଧିକ ପୂଣ୍ୟ ରଖିବାରେ ଉଦ୍ଦେଶ୍ୟ ଏହି କି ଯେ ଏତତ୍ ଦ୍ୱାରା ତୁମମାନଙ୍କ ମଧ୍ୟରେ ଏକତା ସୁଦୃଢ ହୋଇଥାଏ । ପୁଣି ଏହି ଏକତାକୁ ସୁଦୃଢ କରିବାର ଏପରି ନିର୍ଦ୍ଦେଶ ଓ ତାଗିଦ୍ ରହିଛି କି ତୁମେମାନେ ଏକ ସରଳ ରେଖାରେ ଏପରି ଛିଡ଼ା ହୁଅ କି ପରସ୍ପରର ଗୋଡ଼ କାହାରିଠାରୁ ଆଗକୁ କିମ୍ୱା ପଛକୁ ନଥିବ ଏବଂ ପରସ୍ପର ସହିତ ସଂଲଗ୍ନ ହୋଇ ଛିଡ଼ା ହୁଅ ଯେପରି ତୁମେ ଗୋଟିଏ ମଣିଷ ଅଟ ।’’ ଧାଡ଼ିରେ ଛିଡ଼ା ହେବା ଦ୍ୱାରା ତୁମେମାନେ ଗୋଟିଏ ମଣିଷ ପରି ହୋଇଯିବ ଅର୍ଥାତ୍ ସେଥିରେ ଶକ୍ତି ସଂଚାରିତ ହେବ ଏବଂ ଜଣକର (ଆଧ୍ୟାତ୍ମିକ)ନୁର୍ ଅନ୍ୟକୁ ପ୍ରସାରିତ ହୋଇଯିବ । ପୁଣି କହିଲେ ସେହି ଭିନ୍ନତା ଯେଉଁଥିରେ ମଣିଷର ଅହଂ ଭାବ ଜନ୍ମ ନେଇଥାଏ ତାହା ରହିବ ନାହିଁ’’ (ଅର୍ଥାତ୍- ଧନୀ ମଧ୍ୟ ଓ ଗରିବ ମଧ୍ୟ ସମସ୍ତେ ଗୋଟିଏ ଧାଡ଼ିରେ ଛିଡ଼ା ହୋଇଯିବେ । କିଛି ଲୋକଙ୍କ ମନରେ ବଡ଼ପଣିଆ ଥାଏ । ତାକୁ ବାଯମାତ ନମାଜ ଶେଷ କରିଦିଏ । କହିଲେ ଭଲ ଭାବରେ ମନେରଖ ଯେ, ମଣିଷ ମଧ୍ୟରେ ଏହି ଶକ୍ତି ଅନ୍ତର୍ନିହିତ ରହିଛି କି ସେ ଅନ୍ୟଠାରୁ ଦିବ୍ୟାଲୋକ ଟାଣି ଆଣିଥାଏ । **(ମଲ୍‌ଫୁଜାତ୍ ଖଣ୍ଡ-୮, ପୃଷ୍ଠା-୨୪୭-୨୪୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)** କାହା ପାଖରେ ପୁଣ୍ୟ ଅଧିକ ମାତ୍ରାରେ ଥାଏ ବା ପୁଣ୍ୟର ସ୍ଥାନ ବହୁତ ଉଚ୍ଚ ଅବସ୍ଥାରେ ନିହିତ ଥାଏ ତାହେଲେ ଅନ୍ୟମାନେ ମଧ୍ୟ ସେଥିରେ ପ୍ରଭାବିତ ହୋଇ ତାକୁ ଗ୍ରହଣ କରିଥାନ୍ତି ।

ସୁତରାଂ ପୁଣ୍ୟର ପ୍ରଭାବକୁ ଗ୍ରହଣ କରିବା ନିମନ୍ତେ ବାଯମାତ ନମାଜ ମଧ୍ୟ ବହୁତ ଲାଭ ଦେଇଥାଏ । ଏହି ଯୁଗରେ ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚୋଟ ଦାସଙ୍କୁ ପଠାଇଲେ ଯିଏ ଆମ ଭିତରେ ଉପାସନା ଓ ନମାଜର ପ୍ରକୃତ ଜ୍ଞାନକୁ ଉଦ୍ରେକ କରାଇବା ପାଇଁ ପଥ ପ୍ରଦର୍ଶନ କରାଇଲେ ।

ହଜୁର ଅନଓ୍ୱର ଅ.ବ କୁହନ୍ତି- ଯଦି ଆମେ ଗୋଟିଏ ପଟେ ନିଜର ଆଧ୍ୟାତ୍ମିକ ଅବସ୍ଥାର ଉନ୍ନତି ଓ ପାରସ୍ପରିକ ଏକତାକୁ ସୁଦୃଢ କରିବା ନିମନ୍ତେ ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଦାସ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବାର ଘୋଷଣା କରୁଛେ ଓ ଅନ୍ୟ ପାର୍ଶ୍ୱରେ ଯଦି ଆମ୍ଭର ଅମଳ ଓ ଆମ୍ଭେ ଇସଲାମର ମୂଳ ଆଦେଶର ପାଳନ କରିବାରେ ଦୁର୍ବଳତା ପ୍ରଦର୍ଶନ କରୁଅଛେ, ଯାହାକି ଆମ ଜନ୍ମର ଲକ୍ଷ ଅଟେ । ତେବେ ଆମ୍ଭେ କିଭଳି ନିଜ ଆଧ୍ୟାତ୍ମିକ ଅବସ୍ଥାର ଉନ୍ନତି ଓ ହଜରତ ମହମ୍ମଦ ସ.ଆଙ୍କ ଆଦେଶ ଅନୁଯାୟୀ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବାର ଘୋଷଣା କରୁଅଛେ । ଯେପରି ମୁଁ ବତାଇଲି ଯେ ପବିତ୍ର କୋରାନ୍‌ର ବହୁତ ଯାଗାରେ ମଧ୍ୟ ପାଂଚବେଳା ନମାଜର

ଧାର୍ଯ୍ୟ ବର୍ଣ୍ଣନା ହୋଇଯାଇଛି ଓ ତାର ମହତ୍ୱ ମଧ୍ୟ ବର୍ଣ୍ଣନା ଅଛି । ଆଁ ହଜ୍‌ରତ୍ ସ:ଆ:ସଙ୍କ ବାଣୀ ମଧ୍ୟ ବହୁତ ସ୍ପଷ୍ଟ ହୋଇଛି ଯାହା ମୁଁ ବର୍ଣ୍ଣନା କରି ଆସିଲି । ଏ ନମାଜ ତ ପ୍ରତ୍ୟେକ ଅହେମଦୀଙ୍କ ପାଇଁ ଜରୁରୀ ଅଟେ । କିନ୍ତୁ ତତ୍ ସହିତ ଯେପରି କି ଆଁ ହଜ୍‌ରତ୍ ସ:ଆ:ସ ବାଯମାତ ନମାଜର ମହତ୍ୱକୁ ବର୍ଣ୍ଣନା କଲେ । ପ୍ରତ୍ୟେକ ଜ୍ଞାନବନ୍ତ ଓ ସାବାଳକ ଯୁବକ ନିମନ୍ତେ ଜମାଅତ ସହ ନମାଜ ପଢିବା ବାଧ୍ୟତାମୂଳକ ଅଟେ । କିନ୍ତୁ ଆମେ ଦେଖୁଅଛେ ଯେ, ଏଥିପ୍ରତି ଲୋକମାନଙ୍କର ଧ୍ୟାନ ନାହିଁ ଏବଂ ସେମାନେ ଏଥିରେ ଦୁର୍ବଳ ଅଟନ୍ତି । ନିଃସନ୍ଦେହ ଜଣେ ସଚ୍ଚୋଟ ମୋମିନର ନମାଜ ପାଠ କରିବା କର୍ତବ୍ୟ ଅଟେ ଏବଂ ଏଥିପ୍ରତି ସେ ସ୍ୱୟଂ ଧ୍ୟାନ ଦେବା ଉଚିତ୍ । କିନ୍ତୁ ଜମାଅତର ଏକ ବ୍ୟବସ୍ଥା ମଧ୍ୟ ରହିଛି । ସେମାନେ ମଧ୍ୟ ଏପରି ଦୁର୍ବଳ ଲୋକମାନଙ୍କ ଧ୍ୟାନ ଆକର୍ଷିତ କରିବା ନିମନ୍ତେ ପଦକ୍ଷେପ ନେବା ଉଚିତ୍ । ସେମାନଙ୍କୁ ନମାଜର ବିଶେଷତ୍ୱ ସ୍ପଷ୍ଟ ରୂପେ ବୁଝାଇବା ଉଚିତ୍ । ମୁଁ ମଧ୍ୟ ଅନେକ ସମୟରେ ଖୁତବାରେ ଏଥିପ୍ରତି ଧ୍ୟାନ ଆକର୍ଷିତ କରିଥାଏ କିନ୍ତୁ ଏହାକୁ ସଂପ୍ରସାରିତ କରିବା ମୁରବୀମାନଙ୍କ ଓ ଜମାଆତି ବ୍ୟବସ୍ଥାର ବିଭିନ୍ନ ବିଭାଗରେ ଥିବା ଅଧିକାରୀମାନଙ୍କ କାର୍ଯ୍ୟ । ନମାଜ ପାଠ କରିବାର ଗୁରୁତ୍ୱ ସମ୍ପର୍କରେ ଜମାଅତର ପ୍ରତ୍ୟେକ ସଦସ୍ୟଙ୍କୁ ବାରମ୍ବାର ଅବଗତ କରାନ୍ତୁ । ପ୍ରକୃତରେ ଆମେ ଅହେମଦି ହେବାର କର୍ତବ୍ୟ ସେତେବେଳେ ସମ୍ପର୍ଣ୍ଣ କରିପାରିବା ଯେତେବେଳେ ଆମେ ନିଜ ନମାଜର ସୁରକ୍ଷା କରିବା ସହିତ ସେଥିରୁ ଆଧ୍ୟାତ୍ମିକ ସୁଖ ପ୍ରାପ୍ତ କରିବା ଏବଂ ଯେତେବେଳେ ନମାଜରୁ ଆମ୍ଭେ ଏହି ଆଧ୍ୟାତ୍ମିକ ଆନନ୍ଦ ଓ ଇନ୍ଦ୍ରିୟ ସୁଖ ଲାଭ କରିବା ସେତେବେଳେ ନମାଜ ପାଠ ପ୍ରତି ସ୍ୱୟଂ ଆମ୍ଭର ଆଗ୍ରହ ସୃଷ୍ଟି ହେବ ।

ତେଣୁ ସେହିପରି ଯେପରି ମୁଁ କହିଲି ଯେ ପ୍ରତ୍ୟେକ ଅହେମଦୀଙ୍କୁ ନିଜେ ହିଁ ନିଜକୁ ଅବଗତ କରିବାର ଆବଶ୍ୟକ ଅଛି ଯେ କିପରି ଆମେ ନିଜର ନମାଜକୁ ପାଠ କରିବା । ଏପରି ନମାଜ ପାଠ କରିବା ଯିଏ ଆମକୁ ଆଧ୍ୟାତ୍ମିକ ଶାନ୍ତି ଦେଇପାରିବ ଓ ଆମକୁ ବହୁତ ଆସ୍ୱାଦନ ଦେବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନମାଜ ପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଯେ କିପରି ଏହି ସ୍ୱାଦ ଆମକୁ ମିଳିପାରିବ । ଆପଣ ଦୃଷ୍ଟାନ୍ତ ମଧ୍ୟ ଦେଲେ । ପୁଣି କହିଲେ ଯେ ''ମୁଁ ଦେଖୁଅଛି ଯେ ଜଣେ ମଦୁଆ ଓ ନିଶାଖୋର ବ୍ୟକ୍ତିକୁ ଯେପର୍ଯ୍ୟନ୍ତ ମଜା ଆସେ ନାହିଁ ସେ ପର୍ଯ୍ୟନ୍ତ ସେ ପିଇ ଚାଲିଥାଏ ।'' (ନିଶା ପାଇବା ପାଇଁ ମଦ ଉପରେ ମଦ ପିଇ ଚାଲିଥାଏ) ''ଏପର୍ଯ୍ୟନ୍ତ କି ତାକୁ ଗୋଟିଏ ପ୍ରକାରର ନିଶା ଗ୍ରାସ କରିଯାଏ'' ପୁଣି କହିଲେ ଯେ ''ଜ୍ଞାନୀ ଓ ବୁଦ୍ଧିଆ ବ୍ୟକ୍ତି ଏଥିରୁ ଲାଭ ଉଠାଇ ପାରିବ'' (ଅର୍ଥାତ୍ ଏହି ଦୃଷ୍ଟାନ୍ତରୁ ଯଦି କେହି ବୁଦ୍ଧିଆ ବ୍ୟକ୍ତି ଅଛି ତେବେ ସେ ଲାଭ ଉଠାଇପାରିବ) ''ଏବଂ ସେ ଏହା'' (କିପରି ଲାଭ ଉଠାଇବ ନିଜର ଆଧ୍ୟାତ୍ମିକତାକୁ ମଶ୍ଗୁଣ କରିବା ପାଇଁ ନମାଜ ପ୍ରତି ଧ୍ୟାନ ଦେବ) ''ଯେ ନମାଜ ଉପରେ ଅଭ୍ୟସ୍ତ ରହିବ'' (ନମାଜକୁ ସବୁବେଳେ ପାଠ କରିବ ଏବଂ କେବେହେଲେ ଛାଡ଼ିବ ନାହିଁ) କହିଲେ ''ଏବଂ ପଢ଼ି ଚାଲିବ ସେ ପର୍ଯ୍ୟନ୍ତ ତାକୁ ମଜା ଆସିଯିବ ଯେପରି ମଦୁଆର ମୁଣ୍ଡରେ ଏକ ପ୍ରକାର ମଜା ଥାଏ ଯାହାକୁ ପାଇବା ପାଇଁ ତା'ର ଉଦ୍ଦେଶ୍ୟ ଥାଏ'' ମଦୁଆ ଯେତେବେଳେ ମଦ ପିଏ ତା ମୁଣ୍ଡରେ ଏକ ପ୍ରକାର କଥା ଚାଲିଥାଏ ଯେ ମୋତେ ଏହି ମଜାକୁ ହାସଲ କରିବାକୁ ପଡ଼ିବ । କହିଲେ ଯେ ଯେଉଁ ସ୍ତରକୁ ସେ ନିଜର ନଶା ପାଇଁ ହାସଲ କରେ ସେହିପରି ଜଣେ ପୁଣ୍ୟବାନ୍ ବ୍ୟକ୍ତି ଓ ମୋମିନକୁ ମଧ୍ୟ ନିଜର ଲକ୍ଷ୍ୟକୁ ସ୍ଥାପନ କରିବାକୁ ହେବ ଯାହାକୁ ସେ ନମାଜ ଦ୍ୱାରା ହାସଲ କରିବ ଏବଂ ଏହିପରି ବାରମ୍ବାର ଧୈର୍ଯ୍ୟର ସହିତ ଚେଷ୍ଟା କରିବ ତେବେ ଯାଇ ତାଙ୍କୁ ମଜା ହାସଲ ହୋଇପାରିବ । ଆପଣ କହୁଛନ୍ତି ଯେ ''ଏହିପରି ନିଜ ମୁଣ୍ଡରେ ଓ ସବୁ ଶକ୍ତିର ସ୍ରୋତକୁ ନମାଜ ଆଡ଼କୁ ଲଗାଇ ମଜା ହାସଲ କରିବାକୁ ହେବ'' ଜଣେ ନମାଜୀ ଯେତେବେଳେ ନମାଜ ପଢ଼ିବ ସେତେବେଳେ ସେ ତା ମୁଣ୍ଡରେ ଏ କଥା ରଖିବ ଓ ନିଜର ଧ୍ୟାନକୁ ନିଜର ସାମର୍ଥ୍ୟ ଅନୁସାରେ ନମାଜ ଆଡ଼କୁ ଆକର୍ଷଣ କରାଇବ ଯେ ମୋତେ ଏହି ମଜାକୁ ହାସଲ କରିବାକୁ ହେବ । ସେଥିପାଇଁ ଇଚ୍ଛାଶକ୍ତିକୁ ବଢ଼ାଇବାର ଆବଶ୍ୟକତା ଅଛି । ଯଦି ଇଚ୍ଛାଶକ୍ତି ହେବ ତେବେ ଦୃଢ଼ ସଂକଳ୍ପ ମଧ୍ୟ ରହିପାରିବ । ଆପଣ କହୁଛନ୍ତି ଯେ ''ଏବଂ ପୁଣି ଗୋଟିଏ ନିଷ୍ଠା ଓ ଜୋସ୍‌ର ସହିତ ଅତି କମ୍‌ରେ ଉକ୍ତ ନିଶାଖୋର୍‌ର ବିଚଳତା ଓ ଅଧିରତା ସଦୃଶ ଏକ ପ୍ରକାର ପ୍ରାର୍ଥନା ଜନ୍ମ ହୋଇ ସେହି ମଜା ହାସଲ ହେଉ ବୋଲି ତେବେ ମୁଁ କହୁଛି ଯେ ଓ ସତ କହୁଛି... ଯେ ନିଶ୍ଚିତ ଓ ନିଶ୍ଚିତ ରୂପେ ସେହି ମଜା ହାସଲ ହୋଇଯିବ'' । ପୁଣି ଏକ ପ୍ରକାର ଦରଦ ଓ ଚିନ୍ତା ହେବ । ଏକ ବିଚଳତା ସୃଷ୍ଟି ହେବ । ଏକ ପ୍ରକାର ଅଧିରତା ସୃଷ୍ଟି ହେବ ଯେ ମୋତେ ନମାଜରେ ମଜା ମିଳିଯାଆନ୍ତା । ନମାଜ ପଢ଼ିବା ସମୟରେ ଉକ୍ତ ବିଚଳତକୁ ବାରମ୍ବାର ଅଲ୍ଲାଃତାଲାଙ୍କ ନିକଟରେ ପ୍ରକଟ ହେବ ତେବେ ଆପଣ କହୁଛନ୍ତି ଯେ ନିଶ୍ଚିତ ରୂପେ ସେହ ମଜା ହାସଲ ହେବ । **(ମଲ୍‌ଫୁଜାତ୍ ଖଣ୍ଡ-୯, ପୃଷ୍ଠା-୭-୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)**

ତେଣୁ ଆମକୁ ମନେ ରଖିବା ଉଚିତ୍ ଯେ ଅଲ୍ଲାଃ କହିଛନ୍ତି କି ନମାଜ ଅପକର୍ମରୁ ରକ୍ଷା କରିଥାଏ ତେବେ ନିଶ୍ଚିତ ରୂପେ ଏହା ହିଁ ସତ୍ୟ କାରଣ ଅଲ୍ଲାଃଙ୍କ କଥନ କଦାପି ମିଥ୍ୟା ହୋଇପାରେନା । ଯେଉଁ ଲୋକମାନେ ନମାଜ ପଢିବା ପରେ ମଧ୍ୟ ଅପକର୍ମରେ ଲିପ୍ତ ରହିଥାନ୍ତି, ସେମାନଙ୍କ ନମାଜ କେବଳ ଲୋକଦେଖାଣିଆ ହୋଇଥାଏ । ସେମାନେ ନମାଜର ମର୍ମ ବୁଝିନଥାନ୍ତି । ଅତଏବ ଏପରି ଲୋକମାନଙ୍କୁ ନିଜ ଅବସ୍ଥା ବିଷୟରେ ଚିନ୍ତା କରିବା ଆବଶ୍ୟକ । ଆମ୍ଭ ସମସ୍ତଙ୍କୁ ମଧ୍ୟ ନିଜ ନିଜ ଅବସ୍ଥାର ଅନୁଧ୍ୟାନ କରିବା ଉଚିତ୍ । ଯଦି ଆମକୁ ମଜା ଏବଂ ଶାନ୍ତି ଆସୁଥିବ ବା ଦୃଢ଼ ସଂକଳ୍ପ ହେବ ଯେ ମୁଁ ସେହି ମଜାକୁ ହାସଲ କରିବି ତେବେ ଏହା କିପରି ହୋଇପାରିବ ଯେ ଆମମାନଙ୍କ ମଧ୍ୟରୁ କେହି ନିଜ ନମାଜକୁ ବେଳେବେଳେ ଛାଡ଼ିଦେବ । ପ୍ରତ୍ୟେକଙ୍କୁ କେବେ ନା କେବେ ସେହି ମଜାର ଅଭିଜ୍ଞତା ହୋଇଯାଏ ଏବଂ ହୋଇଥିବ ମଧ୍ୟ । ଯେତେବେଳେ ଜଣେ କଠିନ ପରିସ୍ଥିତି ଓ ଦୁଃଖ କଷ୍ଟରେ ପଡ଼ିଥାଏ ତେବେ ଆମେ ଦେଖୁ ଯେ ସେମାନେ ନମାଜରେ ବହୁତ କାନ୍ଦିଥାନ୍ତି ଏବଂ ଛାଟିପିଟି ହୋଇଥାନ୍ତି । ଚଲାବୁଲା ସମୟରେ ମଧ୍ୟ ପ୍ରାର୍ଥନା କରିଥାନ୍ତି । ତା ପ୍ରତି ଧ୍ୟାନ ରହିଥାଏ । ସେଇଥିପାଇଁ ଉପାସନା କରିବା ଆଡ଼କୁ ମଧ୍ୟ ଧ୍ୟାନ ରହିଥାଏ । କୌଣସି ନା କୌଣସି ପ୍ରକାର ଏପରି ଖିଆଲ ତା ହୃଦୟରେ ଜନ୍ମିଥାଏ ଏବଂ କିଛି ନା କିଛି ଧ୍ୟାନ ମଧ୍ୟ ରହିଥାଏ । ସେଥିପାଇଁ ସେ କଷ୍ଟ ସମୟରେ ଦୁଆ କରିବାରେ ଲାଗିପଡ଼େ । କିନ୍ତୁ ଯେବେ ନିଜର ଇଛା ପୁରା ହୋଇଯାଏ, ନିଜ କଷ୍ଟ ଲାଘବ ହୋଇଯାଏ ତେବେ ଏପରି ବହୁତ ଅଛନ୍ତି ଯେଉଁମାନେ ନମାଜରେ ଦୁଆ କରିବାରେ ଅବହେଳା ଦେଖାନ୍ତି । ତେଣୁ ଯେପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ ଆମ୍ଭଙ୍କୁ ବାରମ୍ବାର ଚେଷ୍ଟା କରିବାକୁ ହେବ ଓ ନିଜ ସାମ୍‌ନାରେ ଗୋଟିଏ ଟାର୍ଗେଟ୍ ରଖିବାକୁ ପଡ଼ିବ ଯେ ଖରାପ ସମୟ ହେଉ ବା ଭଲ ସମୟ ହେଉ, ଅଭାବ ସମୟରେ ମଧ୍ୟ ଏବଂ ସ୍ୱଭାବ ସମୟରେ ମଧ୍ୟ ଉକ୍ତ ମଜାକୁ ହାସଲ କରିବା ପାଇଁ ଚେଷ୍ଟା କରିବାକୁ ହେବ ଯାହା ଏକ ପ୍ରକାର ନିଶାରେ ପରିଣତ ହୋଇଯିବ । କେବଳ ନିଜ ପାଇଁ ନହେଁ, ମୋମିନଙ୍କୁ ସମାଜର ଯେଉଁ ସାଧାରଣ ଅବସ୍ଥା ଅଛି ସେଥିପାଇଁ ଏକ ପ୍ରକାର କଷ୍ଟ ଅନୁଭବ ହେବ । ଯେବେ ଏହି କଷ୍ଟ ମନରେ ଜନ୍ମ ନେବ ତେବେ

ଏକ ବେଦନାର ସହିତ ଦୁଆ ମଧ୍ୟ ସୃଷ୍ଟି ହୋଇଥାଏ ।

ଉଦାହରଣ ସ୍ୱରୁପ ପାକିସ୍ତାନ୍‌ରେ ଯମାତ୍‌ର ଅବସ୍ଥା ବହୁତ ଖରାପ ଅଛି । ଯମାତ ବିରୁଦ୍ଧରେ ଚରିଆଡୁ ଘୃଣାର ତୀର ବର୍ଷଣ ହେଉଛି । ଦ୍ୱେଷ ଓ କପଟତାର ପ୍ରକାଶ କରାଯାଉଛି । ମୁଲା ମାନଙ୍କର ଭୟ ବା ତାଙ୍କ କଥାର ଭୁଲ୍ ବୁଝାମଣା ଯୋଗୁଁ ପୁରୁଣା ସମ୍ପର୍କୀୟ ଅଣ ଅହେମଦୀ ମଧ୍ୟ କିଛି ଯାଗାରେ ମୁଖାଲିଫତ୍‌ରେ ବଢ଼ି ଚଲିଛନ୍ତି । ସାଧାରଣତଃ ଦେଖିବାକୁ ଗଲେ ସେମାନଙ୍କର ଜୁଲମ୍ ଶେଷ ସୀମାରେ ପହଂଚିଛି । ଏହିପରି ଅବସ୍ଥାରେ ପାକିସ୍ତାନର ପ୍ରତ୍ୟେକ ଅହେମଦୀଙ୍କୁ ମଜା ହାସଲ ହେଉଥିବା ନମାଜକୁ ପଢ଼ିବା ପାଇଁ ଚେଷ୍ଟା କରିବା ଉଚିତ୍ ଏବଂ ସେଠାରେ ମସ୍‌ଜିଦ୍ ଗୁଡିକୁ ଆବାଦ୍ କରିବା ପାଇଁ ଧ୍ୟାନ ଦେବା ଉଚିତ୍ ।

ବିଗତ ଦିନ ଖୁଦାମୁଲ୍ ଅହେମଦୀୟା ପାକିସ୍ତାନ୍ ତରଫରୁ ଶୁରା ର ନିଷ୍ପତି ଉପରେ ଅମଳ କରିବାର ରିପୋର୍ଟ ମିଳିଲା । ସେଥିରେ ସେ ଲେଖିଥିଲେ ଯେ ତର୍‌ବିଅତି ନିଷ୍ପତି ଉପରେ ସଂଖ୍ୟାନୁସାରେ ଆମେ ସଫଳତା ଲାଭ କରିଛୁ । ଏହା ବହୁତ ଭଲ କଥା ଉନ୍ନତି ଆଡ଼କୁ ଅଗ୍ରସର ହେଉଛନ୍ତି । ସେହି ତର୍‌ବିଅତି ବିଷୟ ଗୁଡିକ ମଧ୍ୟରୁ ଗୋଟିଏ କଥା ଏହା ଥିଲା ଯେ ମୋ ଖୁତ୍‌ବା ଜୁମା ଶୁଣିବା ପାଇଁ ଏତେ ହଜାର୍ ଖୁଦାମ୍‌ଙ୍କ ଧ୍ୟାନ ଆକର୍ଷଣ ହୋଇଛି । କିନ୍ତୁ ଚିନ୍ତାର ବିଷୟ ଏହା ଅଟେ ଯେ ବାଯମାତ ନମାଜର ଅଭ୍ୟସ୍ତ ଖୁତ୍‌ବା ଯୁମା ଶୁଣିବା ଲୋକଙ୍କ ତୃତୀୟ ଭାଗରୁ ଭାଗେ ଥିଲା ବା ଅଳ୍ପ କିଛି ଅଧିକା ଥିଲା । ସେହିପରି ନମାଜର ଅଭ୍ୟସ୍ତ ଖୁଦାମ୍‌ଙ୍କ ସଂଖ୍ୟା ଖୁତ୍‌ବା ଶୁଣିବାବାଲାଙ୍କ ଠାରୁ ବହୁତ କମ୍ ଥିଲା । ଏପରି ଖୁତ୍‌ବା ଶୁଣିବା ଦ୍ୱାରା କି ଲାଭ ହେବ ଯେ ଆମର ଧ୍ୟାନ ଅଲ୍ଲାଃଙ୍କ ଆଡ଼କୁ ଟାଣି ନଥାଏ ଏବଂ ଏହି ଅସଲ ଫର୍ଜ (ଧାର୍ଯ୍ୟ) ପାଳନ ହୋଇନଥାଏ ଯାହାକି ବହୁତ ଜରୁରୀ ଅଟେ । ଯେପର ମୁଁ କହିଲି ଯେ ମୁଁ ପ୍ରତିଥର ଖୁତ୍‌ବାରେ ବାଯମାତ ନମାଜ ବା ଉପାସନା ବିଷୟରେ ବକ୍ତବ୍ୟ ରଖୁଛି । ଯଦି ତାର କୌଣସି ପ୍ରଭାବ ପଡୁନାହିଁ ତେବେ କେବଳ ସଂଖ୍ୟା ପୁରଣ କରିବା ଦ୍ୱାରା କୌଣସି ଲାଭ ହେବ ନାହିଁ । ଏପରି ଅବସ୍ଥାରେ ଯଦି ପାକିସ୍ତାନିମାନଙ୍କୁ ଅଲ୍ଲାଃତାଲାଙ୍କ ନିମନ୍ତେ ଧ୍ୟାନ ଆକର୍ଷଣ ନ ହେବ ତାହାଲେ କେବେ ହେବ ? ଆମେ କଣ ଅଲ୍ଲାଃତାଲାଙ୍କ ପରୀକ୍ଷା ନେବାକୁ ଚହୁଁଛେ ଯେ ଆମେ ତ ଏଇଭଳିଆ ରହିବା ଅଲ୍ଲାଃତାଲାଙ୍କର କାମ ଯେ ସେ ଆମର ଅବସ୍ଥାକୁ ବଦଳାଇ ଦିଅନ୍ତୁ । ଯଦି ଏହିପରି ଅଟେ ତେବେ ଅଲ୍ଲାଃତାଲାଙ୍କ ଉପରେ କୌଣସି ନିନ୍ଦା କରିବାର ହକ୍ ନାହିଁ । ଅଲ୍ଲାଃତାଲା କେଉଁଠାରେ କହିନାହାଁନ୍ତି ଯେ ତୁମେ ମନଇଛା ଯାହା କର ମୋର ହକ୍ ପାଳନ କର ବା ନ କର ଯେହେତୁ ତୁମେମାନେ ମସିହ୍ ମଉଦ୍‌କୁ ମାନି ନେଇଛ ତେବେ ମୁଁ ତୁମକୁ ସଫଳତା ଦେବି ବୋଲି । ସଫଳତା ପାଇବାକୁ ହେଲେ ନିଜର ଅବସ୍ଥାକୁ ଅଲ୍ଲାଃଙ୍କ ଇଛା ମୁତାବକ ପାଳନ କରିବାର ଆବଶ୍ୟକ ଅଟେ ।

ଖୋଦାମ୍‌ଙ୍କ ରିପୋର୍ଟର ମୁଁ ଚର୍ଚ୍ଚା କଲି ଏହାର ଅର୍ଥ ଏହା ନୁହେଁ ଯେ ଦୁର୍ବଳତା କେବଳ ଖୁଦାମୁଲ୍ ଅହେମଦୀୟାରେ ଅଛି । ଅନ୍‌ସାର୍‌ମାନଙ୍କର ମଧ୍ୟ ଏହି ଅବସ୍ଥା । ତେଣୁ ପାକିସ୍ତାନର ପ୍ରତ୍ୟେକ ଅହେମଦୀମାନଙ୍କୁ ଏଥିପ୍ରତି ଧ୍ୟାନଦେବା ନିତ୍ୟାନ୍ତ ଆବଶ୍ୟକ । ସଫଳତା ଶୋଇରହିଲେ ମିଳେନାହିଁ । ସଫଳତା ଅବହେଳା ଦ୍ୱାରା ମିଳେନାହିଁ । ସଫଳତା ସୀମା ସରହଦରେ ଘୋଡ଼ା ବାନ୍ଧିବା ଦ୍ୱାରା ଓ ଛାଉଣି ପ୍ରତିଷ୍ଠା କରିବା ଦ୍ୱାରା ମିଳିଥାଏ । ପାକିସ୍ତାନ୍‌ରୁ ବାହାରି ଆସି ଯେଉଁମାନେ ଉନ୍ନତଶୀଳ ଦେଶମାନଙ୍କରେ ଅଛନ୍ତି ବା ଅନ୍ୟାନ୍ୟ ଦେଶରେ ଅଛନ୍ତି ସେମାନଙ୍କର ଅବସ୍ଥା ମଧ୍ୟ ଏହିପରି । ଯମାତ ମାନଙ୍କରେ ଯଦି ନମାଜର ନିରୀକ୍ଷଣ କରିବା ତେବେ ଆମକୁ ବହୁତ ଦୁର୍ବଳତା ଦୃଷ୍ଟି ଗୋଚର ହେବ । ଯଦି ନ୍ୟାୟ ଦେଖାଯାଏ ତେବେ ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ତନ୍‌ଜିମ୍ ଯଦି ନିଜର ନିରୀକ୍ଷଣ କରିବେ ତେବେ ଫଳ ସାମ୍‌ନାକୁ ଆସିଯିବ । କିନ୍ତୁ ପାକିସ୍ତାନରୁ ଆସିଥିବା ଅହେମଦୀମାନଙ୍କୁ ଏଥିପ୍ରତି ଧ୍ୟାନ ରଖିବାକୁ ହେବ ଯେ ଅଲ୍ଲାଃତାଲା ତାଙ୍କ ଉପରେ ବହୁତ ଦୟା କରିଛନ୍ତି । ତେଣୁ ତାର ପ୍ରଶଂସା କରିବା ଉଚିତ୍ ଏବଂ ତାର ପ୍ରକାଶ କିପରି କରିବାକୁ ହେବ ।

କିଛି ଜମାଅତରେ ଲୋକମାନଙ୍କର ନମାଜରେ ଉପସ୍ଥିତି ବେଶ୍ ଭଲ ରହିଥାଏ । କିନ୍ତୁ ସେମାନଙ୍କ ମଧ୍ୟରେ କିଛି ଲୋକ ଏପରି ମଧ୍ୟ ଥାନ୍ତି ଯେ ନମାଜ ପାଠ କରିନଥାନ୍ତି । ପୁଣି କେତେକ ଏପରି ଥାନ୍ତି ଯେ ଗୋଟିଏ ଦୁଇ ବେଳାର ନମାଜ ଛାଡ଼ି ଦେଇଥାନ୍ତି । ଏହାର ଗୋଟିଏ କାରଣ ଯେପରିକି ମୁଁ କହି ଆସିଲି ଯେ, ଆମ୍ଭ ବ୍ୟବସ୍ଥା ସେମାନଙ୍କ ଧ୍ୟାନ ଆକର୍ଷିତ କରିନଥାଏ । ବରଂ ଅନ୍ୟାନ୍ୟ କାର୍ଯ୍ୟ ପ୍ରତି କର୍ମକର୍ତାମାନଙ୍କ ନଜର ରହିଥାଏ । ପ୍ରଥମତଃ ମୋର ଖୁତବା ଜମାଅତର ପ୍ରତ୍ୟେକ ସଦସ୍ୟ ଶୁଣିନଥାନ୍ତି । ଯଦି କୁହାଯାଏ ଶତ ପ୍ରତିଶତ ଲୋକ ଶୁଣୁଛନ୍ତି ତେବେ ଏହା ଭୁଲ ହେବ । ଯଦି ଶୁଣୁଥାନ୍ତି ତେବେ ସେମାନଙ୍କୁ ସର୍ବଦା ମନେପକାଇ ଦେବା ମଧ୍ୟ ଜମାଅତର ବ୍ୟବସ୍ଥାର କାର୍ଯ୍ୟ । ସେଥିପାଇଁ ତ (ଜମାଅତର)ବ୍ୟବସ୍ଥା ଗଠିତ ହୋଇଛି, ଯେ ଲୋକମାନଙ୍କ କିପରି ସୁଧାର ହେବ । ବିଗତ ଦିନରେ ଏଠାକାର ଗୋଟିଏ ଜମାଅତର ମଜଲିସ୍ ଆମଲାର ସଦସ୍ୟମାନଙ୍କ ସହ ମୋର ସାକ୍ଷାତ ଥିଲା । ସେଠାକାର ସଦର୍ ସାହେବ କହିଲେ ଯେତେବେଳ ଠାରୁ ମୁଁ ସଦର ହୋଇଛି, ଲୋକମାନଙ୍କର ଧର୍ମ ମାର୍ଗରେ ଅର୍ଥ ବ୍ୟୟ କରିବା ପ୍ରତି ବେଶ୍ ଅଧିକ ଧ୍ୟାନ ଆକର୍ଷିତ କରିଚାଲିଛି । ଯଦ୍ୱାରା ଆମ୍ଭର ଚାନ୍ଦା ତିବ୍ରତାର ସହ ଆଗକୁ ବଢିଚାଲିଛି । ହଜୁର ଅନଓ୍ୱର ଅ.ବ କହିଲେ ମୁଁ ତାଙ୍କୁ କହିଲି ଠିକ୍ ଅଛି କିନ୍ତୁ ଜଣେ ମୋମିନ୍‌ର ମୂଳ ଉଦ୍ଦେଶ୍ୟ ଓ କର୍ତବ୍ୟ ଲୋକମାନଙ୍କର ନମାଜ ପ୍ରତି ଧ୍ୟାନ ଆକର୍ଷିତ କରିବାକୁ ଚେଷ୍ଟା କରିବା । କିନ୍ତୁ ଏଥି ସମ୍ବନ୍ଧରେ ସେ କିଛି ନକହି ନୀରବ ରହିଲେ । ତାପରେ ନମାଜ ଫଜର୍ ଓ ଈଶାରେ ଲୋକମାନଙ୍କ ଉପସ୍ଥିତି ସମ୍ବନ୍ଧରେ ପଚାରିବାରୁ, ସେମାନେ ଯାହା ଉତର ଦେଲେ ତାହା ସନ୍ତୋଷ ଜନକ ଥିଲା । କିନ୍ତୁ ଏଥିରେ ଜମାଅତି ବ୍ୟବସ୍ଥାର କୌଣସି ଉଦ୍ୟମ ନଥିଲା । ଯଦି ଇନ୍ଦ୍ରିୟ ସୁଖ ଓ ପ୍ରକୃତ ଆନନ୍ଦ ପ୍ରଦାନକାରୀ ନମାଜ ପାଠକାରୀ ସୃଷ୍ଟି କରାଯିବ ତେବେ ଜମାଅତର ଅର୍ଥ ବ୍ୟବସ୍ଥା ସ୍ୱୟଂ ଠିକ୍ ହୋଇଯିବ । କାରଣ ଈଶ୍ୱର ଭୟର ସ୍ତର ବୃଦ୍ଧି ହେଲେ ହିଁ ଅର୍ଥ ବ୍ୟୟ ପ୍ରତି ଆପେ ଇଚ୍ଛା ଜାଗ୍ରତ ହେବ । କେବଳ ଏତିକି ନୁହେଁ ବରଂ ଓ୍ୱମୁରେ ଆମା ଓ କଜା (ଇସଲାମୀ ନ୍ୟାୟାଳୟ) ର ଅନେକ ସମସ୍ୟାର ସମାଧାନ ହୋଇଯିବ । ଯଦି ସମସ୍ତେ ନମାଜ ସଠିକ୍ ରୂପେ ସମ୍ପାଦନ କରିବା ଆରମ୍ଭ କରିଦିଅନ୍ତି ତେବେ (ଜମାଅତର) ଅନ୍ୟାନ୍ୟ ବିଭାଗ ଗୁଡ଼ିକର ମଧ୍ୟ ସମସ୍ୟା ସମାଧାନ ହୋଇଯିବ । ଅନ୍ୟ ବିଭାଗ ଗୁଡିକ ଆକ୍ଟିଭ୍ ମଧ୍ୟ ହୋଇଯିବେ । ଆଜିକାଲି କେବଳ ପାକିସ୍ତାନ ନୁହେଁ । ପୃଥିବୀର ଅବସ୍ଥା ଏପରି ଦିଗକୁ ବଢିଚାଲିଛି ଯେ ଯୁଦ୍ଧ ଓ କ୍ଷୟକ୍ଷତି ହେବାର ସମ୍ଭାବନା ବେଶ୍ ଅଧିକ ବଢିଯାଇଛି । ଅନେକ ଲୋକ ମୋତେ ପତ୍ର ଲେଖୁଛନ୍ତି କି ଯଦି ଯୁଦ୍ଧ ଆରମ୍ଭ ହୁଏ ତେବେ କଣ ହେବ, ଆମେ କଣ କରିବୁ ? ସେମାନଙ୍କୁ ମୁଁ ଏହି ଉତର ଦେଇଥାଏ ଯେ, ଯଦି ଏପରି ଭୟଙ୍କର ବିପତିରୁ ରକ୍ଷା ପାଇବାକୁ ଚାହୁଁଛ ତେବେ ଯେପରିକି ହଜରତ ମସିହ ମଉଦ ଆ.ସ କୁହନ୍ତି– ଅଲ୍ଲାଃ ଯେ କି ଅସାଧାରଣ ନିଦର୍ଶନ ପ୍ରକଟକାରୀ  ତାଙ୍କ ସହ ପ୍ରେମ କରିବାକୁ ହେବ । ଏଥିପାଇଁ କେବଳ ଗୋଟିଏ ମାର୍ଗ ରହିଛି ଯେ ନିଜ ନମାଜ ଓ ଉପାସନାକୁ ତାଙ୍କ ଆଦେଶ ମୁତାବକ ଢାଳି ସେଥିରୁ ପ୍ରକୃତ ଆନନ୍ଦ ଓ ଶାନ୍ତି ପ୍ରାପ୍ତ କରିବାକୁ ଚେଷ୍ଟା କରିବା । ବହୁତ ଲୋକେ ଏହି ଦେଶଗୁଡିକରେ ଆସି ଭୌତିକ ଜିନିଷକୁ ଦେଖି ଅଲ୍ଲାଃତାଲାକୁ ଭୁଲିଯାଉଛନ୍ତି । ସେମାନେ ଭାବୁଛନ୍ତି ଯେ ଏପରି ଅବସ୍ଥା ଏହି ଦେଶଗୁଡ଼ିକର ଉନ୍ନତି ଯୋଗୁଁ ସମ୍ଭବ ହୋଇଛି । ଭାବୁଛନ୍ତି ଯେ ଏମାନେ ଏତେ ଉନ୍ନତଶୀଳ ଅଟନ୍ତି କିନ୍ତୁ ଏମାନଙ୍କର ଏପରି କ'ଣ ଅମଳ

ଅଛି ଏବଂ କିପରି ଉପାସନା ଏମାନେ କରୁଛନ୍ତି ଯେ ଉନ୍ନତି କରି ଚାଲିଛନ୍ତି । ଆଉ କିଛି ଲୋକ ଏପରି ଭାବୁଛନ୍ତି ଆମେ ତ ଏମାନଙ୍କଠାରୁ ଭଲ ଯଦି ପାଂଚବେଳା ନମାଜ ଧାର୍ଯ୍ୟ ଅଛି ଆମେ ସେଥିରୁ ଦୁଇ ତିନୋଟି ନମାଜ ତ ପଢ଼ି ନେଉଛୁ । ଆମକୁ ମନେରଖିବାକୁ ହେବ ଯେ ଅଲ୍ଲାଃତାଲାଙ୍କୁ ଭୁଲି ଯାଉଥିବା ବ୍ୟକ୍ତିଙ୍କ ପାଇଁ ପରିଶେଷରେ ଦଣ୍ଡ ନିୟତ ଅଛି । ତେଣୁ ସେମାନଙ୍କର ପଛରେ ଚାଲନ୍ତୁ ନାହିଁ । ଆମକୁ ଯଦି ଅଲ୍ଲାଃତାଲାଙ୍କ ଦଣ୍ଡରୁ ବଂଚିବାକୁ ହେବ ଓ ନିଜର ସନ୍ତାନମାନଙ୍କୁ ବଂଚାଇବାକୁ ହେବ ତେବେ ସେମାନଙ୍କର ଦେଖାଯାଉଥିବା ହାଲ୍‌ତକୁ ନ ଦେଖି କେବଳ ସେହି ଶିକ୍ଷା ମୁତାବକ ଅମଲ କରିବାକୁ ହେବ ଯାହା ଅଲ୍ଲାଃତାଲା ଆମଠାରୁ ଚାହୁଁଛନ୍ତି ।

ଅଲ୍ଲାଃତାଲା ନିଜ ଉପରେ ବିଶ୍ୱାସ ଆଣିବା ପରେ ନମାଜ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଲେ । ତେଣୁ ପ୍ରତ୍ୟେକ ପୁରଷ ଓ ସ୍ତ୍ରୀ ଅହେମଦୀମାନେ ନିଜର ନମାଜର ସୁରକ୍ଷା କରିବା ଉଚିତ୍ । ବିଶେଷ କରି ପୁରୁଷମାନଙ୍କୁ ବାଯମାତ୍ ନମାଜ ପଢ଼ିବା ପାଇଁ ବହୁତ ଧ୍ୟାନ ଦେବା ଉଚିତ୍ ।

ଏ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନମାଜର ଗୁରୁତ୍ୱ, ନମାଜ ପାଠ କରିବାର ଶୈଳୀ ଏବଂ ତାର ତତ୍ୱ ଉପରେ ବହୁତ ଖୋଲିକରି ବର୍ଣ୍ଣନା କରିଛନ୍ତି । ଅଲ୍ଲାଃତାଲା ଆମ ଉପରେ ଦୟା କରି ତାଙ୍କୁ ମାନିବା ପାଇଁ ଶକ୍ତି ପ୍ରଦାନ କରିଛନ୍ତି । କିନ୍ତୁ ଏହା ସତ୍ୱେ ମଧ୍ୟ ଯଦି ଆମେ ଅସଲ ଜିନିଷ ଉପରେ ଅମଲ କରିବା ନାହିଁ ଯେପରିକି ମୁଁ କହିଲି ଏବଂ ଅନ୍ୟମାନଙ୍କ ପରି ଦୁଇ ତିନୋଟି ନମାଜ ପଢ଼ି ନେବା ଯେପରିକି ଅଣ ଅହେମଦୀମାନେ କରୁଛନ୍ତି ତେବେ ଉକ୍ତ ବୟତର କୌଣସି ଲାଭ ହେବ ନାହିଁ ।

ନମାଜ ପ୍ରସଙ୍ଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ କେଉଁ ସ୍ତରରେ ଦେଖିବାକୁ ଚାହୁଁଛନ୍ତି ? ଏ ବିଷୟରେ କି ପ୍ରକାର ଶୈଳୀ ଆମକୁ ବୁଝାଇଛନ୍ତି ? ସେଥିପାଇଁ ଆପଣଙ୍କର କିଛି ଆଦେଶାବଳୀ ଉପସ୍ଥାପନ କରୁଛି । ଜଣେ ମୋମିନ୍ ଲା ଇଲାହା ଇଲ୍ଲଲ୍‌ଲାହୋର କଲମା ପାଠ କରି ଏକେଶ୍ୱରବାଦର ଘୋଷଣା କରିଥାଏ । ଏକେଶ୍ୱରବାଦ କଣ ଅଟେ ? ଏ ପ୍ରସଙ୍ଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ – ଭଲଭାବରେ ମନେରଖ ଅଲ୍ଲାଃଙ୍କ ବ୍ୟତୀତ କାହା ନିକଟରେ ନତମସ୍ତକ ହେବା ଅଲ୍ଲାଃଙ୍କ ଠାରୁ ସମ୍ପର୍କ ତୁଟାଇବା ଅଟେ । ଦେଖ ଏକେଶ୍ୱରବାଦର ବାସ୍ତବିକ ଦୃଷ୍ଟାନ୍ତ ନମାଜ ଅଟେ । ଏକେଶ୍ୱରବାଦର ଘୋଷଣା ଜଣେ ମୁହଁରୁ ତ କରିଦେଇଥାଏ, କିନ୍ତୁ ତାହା ବାସ୍ତବରେ ସେତେବେଳେ ପ୍ରମାଣିତ ହୋଇଥାଏ ଯେତେବେଳେ ସେ ନମାଜ ପାଠ କରେ । ଆପଣ କୁହନ୍ତି ଯେତେବେଳେ ହୃଦୟରେ ନିଜକୁ ତୁଚ୍ଛ ମନେକରିବା, ନମ୍ର ଭାବନା ଓ ଗୋଟିଏ ମନ ନଥାଏ, ତେବେ ନମାଜ ଓ ଏକେଶ୍ୱରବାଦ ନିରର୍ଥକ ଓ ବରକତ୍ ଶୂନ୍ୟ ହୋଇଯାଏ । ଶୁଣିରଖ ସେହି ଦୁଆ ଯେଉଁଥି ପାଇଁ **ଉଦ୍‌ଉନି ଅସ୍‌ତଜିବ୍ ଲକୁମ୍** ଅର୍ଥାତ ମୋତେ ଡ଼ାକ ମୁଁ ତୁମର ଉତର ଦେବି । ଏଥିପାଇଁ ଉକ୍ତ ସଚୋଟ ମନୋଭାବ ଆବଶ୍ୟକ । ଯଦି ଏପରି କାକୁତି ମିନତିର ଭାବନା ନାହିଁ ତେବେ ସେ ଏକ ଶୁଆ ପରି ଅଯଥା ଚିତ୍କାର କରିବା ବ୍ୟତୀତ ଅନ୍ୟ କିଛି ନୁହେଁ । **(ମଲ୍‌ଫୁଜାତ୍ ଖଣ୍ଡ-୯, ପୃଷ୍ଠା-୧୨, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)**

ହଜୁର ଅନଓ୍ୱର ଅ.ବ କହିଲେ- ଯେପରିକି ମୁଁ କହି ଆସିଲି ଯେ, ନମ୍ର ଓ ଅନୁନୟ ଅବସ୍ଥାରେ କରିଥିବା ଦୁଆ ହିଁ ଅଲ୍ଲାଃ ସ୍ୱୀକାର କରିଥାନ୍ତି । ପୁଣି ଆପଣ ସ୍ପଷ୍ଟ ରୂପେ କହିଲେ ଯେ ନମାଜ୍‌ର ବିଭିନ୍ନ ଅବସ୍ଥା ଯେପରି କୟାମ୍, ରୁକୁ ଓ ସଜ୍‌ଦାଃ ଅଛି । ଏହି ସବୁ ଅବସ୍ଥାରେ ଗୋଟିଏ ପ୍ରକାରର ଅଧିରତା ପ୍ରକାଶ ହୋଇଥାଏ । ଏକ ପ୍ରକାର ବ୍ୟାକୁଳତା ମନୁଷ୍ୟର ପ୍ରକାଶ ହୋଇଥାଏ ମନୁଷ୍ୟ କେବେ ଉଠିଥାଏ ତ କେବେ ବସିଥାଏ ଏବଂ କେବେ ସଜ୍‌ଦାଃ କରିଥାଏ । ସେଥିପାଇଁ ଯେଉଁ ବ୍ୟାକୁଳତା ସ୍ପଷ୍ଟ ହୋଇଥାଏ । କହିଲେ ଯେ ଏହି ସବୁ ଅବସ୍ଥା ଯୋଗୁଁ ହୃଦୟରେ ଏକ ଜ୍ୱଳନ ଓ ଅଧିରତା ଜନ୍ମ ହୋଇଥାଏ । ଯଦି ଏପରି ଅବସ୍ଥା ହେବ ତେବେ ସଜ୍‌ଦାର ଅବସ୍ଥାରେ ମଧ୍ୟ, କୟାମ୍ (ଛିଡ଼ାହେବା) ରେ ମଧ୍ୟ, ରୁକୁରେ ମଧ୍ୟ ଏକ ପ୍ରକାର ସ୍ୱାଦ ଓ ମଜା ହାସଲ ହୋଇଥାଏ ।

ପୁଣି ଭକ୍ତିର ଅବସ୍ଥା ଏବଂ ବାସ୍ତବିକ ଅନୁନୟ ଓ ପାପକୁ ଜଳାଇ ନିଃଶେଷ କରିଦେବା ନମାଜର ସ୍ପଷ୍ଟିକରଣ କରି ଆପଣ କହୁଛନ୍ତି ଯେ-ମଣିଷ ଯେତେବେଳେ ନିଜ ଆତ୍ମାର ସମ୍ପର୍ଣ୍ଣ ରୂପେ ବିଲୟ ଘଟାଇଥାଏ । ସେତେବେଳେ ତାହା ଅଲ୍ଲାଃଙ୍କ ନିକଟକୁ ଏକ ଝରଣା ପରି ବହିଯାଏ ଏବଂ ଅଲ୍ଲାଃଙ୍କ ଖାତିର ସେ ସମଗ୍ର ସଂସାର ଠାରୁ ସମ୍ପୂର୍ଣ୍ଣ ରୂପେ ସମ୍ପର୍କ ତୁଟାଇ ଦେଇଥାଏ । ସେତେବେଳେ ଅଲ୍ଲାଃଙ୍କ ପ୍ରେମ ତାହା ଉପରେ ବର୍ଷଣ ହୁଏ । ମନୁଷ୍ୟ ଯେତେବେଳେ ଚେଷ୍ଟା କରି ଅଲ୍ଲାଃତାଲାଙ୍କ ଠାରୁ ଅନୁଗ୍ରହ ମାଗିକରି ଅଲ୍ଲାଃତାଲାଙ୍କ ଛଡ଼ା ପ୍ରତ୍ୟେକ ଜିନିଷରୁ ସମ୍ପର୍କ ତୁଟାଇଥାଏ ସେତେବେଳେ ଅଲ୍ଲାଃତାଲାଙ୍କର ପ୍ରେମ ତା ଉପରେ ଅଜାଡ଼ି ହୋଇଯାଏ ।

ଯେତେବେଳେ ଅଲ୍ଲାଃଙ୍କ ପ୍ରେମ ମଣିଷ ଉପରେ ପଡ଼େ ସେତେବେଳେ ପାପ ଜଳିପୋଡ଼ି ନଷ୍ଟ ହୋଇଯାଇଥାଏ । ପୁଣି ସର୍ବଦା ନମାଜରେ ଆନନ୍ଦ ଲାଭ ହୋଇଥାଏ । ସୁତରାଂ ମନରେ ଏପରି (ନକରାତ୍ମକ) ଭାବନା ଆଣିବା ପରିବର୍ତେ କି ନମାଜ ଆମ୍ଭକୁ ଆନନ୍ଦ ପ୍ରଦାନ କରୁ ନାହିଁ, ଆମ୍ଭକୁ ଅଲ୍ଲାଃଙ୍କ ସହ ବିଶେଷ ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କରିବା ଉଚିତ୍ । ନିଜ ଅବସ୍ଥା ପ୍ରତି ନଜର ରଖିବା କି ଆମେ କେବଳ ମୁଣ୍ଡିଆ ମାରୁଚେ ନା ନମାଜର ସଠିକ୍ କର୍ତବ୍ୟ ସମ୍ପାଦନ କରୁଅଛେ । ପୁଣି ନମାଜରେ ଜ୍ୟୋତି ଓ ମଜା ହାସଲ କରିବା ପାଇଁ ଉପାୟ ବିଷୟରେ ଧାରଣା ଦେଇ ଆପଣ କହୁଛନ୍ତି ଯେ-ଉତମ ରୂପେ ନମାଜ ପାଠ କରିବା ପାଇଁ ଚେଷ୍ଟା ଓ ଏହାର ଅଭ୍ୟସ୍ତ ହେବା ଅତ୍ୟନ୍ତ ଜରୁରୀ ଅଟେ । ପ୍ରଥମତଃ ତାହାର ପୂର୍ଣ୍ଣ ଅଭ୍ୟସ୍ତରତ ପରି ପ୍ରତିଷ୍ଠିତ ହୋଇ ଅଲ୍ଲାଃଙ୍କ ପ୍ରତି ଢଳିବା ମନୋଭାବ ରହିବା ଉଚିତ୍ । ତେବେ ଯାଇ ତୁମେ ଧିରେ ଧିରେ ସେହି ସମୟ ପ୍ରାପ୍ତ କରିନେବ ଯେତେବେଳେ ତୁମେ ଅଲ୍ଲାଃଙ୍କ ମଧ୍ୟରେ ଲୀନ ହୋଇଯିବ ଏବଂ ଏହି ଅବସ୍ଥାରେ ମଣିଷ ଏକ ଆଲୋକ ଓ ଇନ୍ଦ୍ରିୟ ଶୁଖର ଭାଗୀଦାର ହୋଇଥାଏ । **(ମଲ୍‌ଫୁଜାତ୍ ଖଣ୍ଡ-୯, ପୃଷ୍ଠା-୧୧, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)**

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ପ୍ରଥମେ ନମାଜର ଅଭ୍ୟସ୍ତ ହେବା ଜରୁରୀ ଅଟେ । ନିଜକୁ ଏହାର ଏପରି ଅଭ୍ୟସ୍ତ କରାଅ, କି ତୁମକୁ ନମାଜର ଉପକାରିତା ଦୃଶ୍ୟମାନ ହେଉଥାଉ ଅବା ନାହିଁ । ତଥାପି ନିରନ୍ତର ନମାଜ ପାଠ କରିବା ଚାଲିବା ଉଚିତ୍ । କାରଣ ଏହା ଆମର କର୍ତବ୍ୟ ଏବଂ ଏହି ଭାବନାର ସହ ଅଭ୍ୟସ୍ତ ହୁଅ କି ମୁଁ ସୁନିଶ୍ଚିତ ଅଲ୍ଲାଃଙ୍କ ସରଣାଗତ ହେବି ଏବଂ ପ୍ରତ୍ୟେକ ଆବଶ୍ୟକତା ପୂରଣ ନିମନ୍ତେ ତାଙ୍କରି ନିକଟରେ ହାଜର ହୋଇ କେବଳ ତାଙ୍କରି ଠାରୁ ହିଁ ଭିକ୍ଷା କରିବି । ଯଦି ସଦା ସର୍ବଦା ଏହିପରି ଆଚରଣ କର ତେବେ ସମୟ ଆସିବ ଯେତେବେଳେ ନମାଜର କର୍ତବ୍ୟ ସମ୍ପାଦନ ହେବା ଆରମ୍ଭ ହେବା ସହ ସେଥିରୁ ଇନ୍ଦ୍ରିୟ ସୁଖ ମଧ୍ୟ ପ୍ରାପ୍ତ ହେବ । ପୁଣି କିଛି ଲୋକ ପଚାରିବାରୁ ଉତର ଦିଅନ୍ତି ଯେ ସେମାନଙ୍କର ଉତର ଏହା ହେବନାହିଁ ଯେ ମୁଁ ଚେଷ୍ଟା କରୁଛି ଯେ ନମାଜ ପାଠ କରିବି କିନ୍ତୁ ଅବହେଳା ହୋଇଯାଉଛି । ଆପଣ ଗୋଟିଏ ଯାଗାରେ କହିଲେ ଯେ ଅବହେଳା ସେ ସମୟରେ ହୁଏ ଯେତେବେଳେ ନମାଜକୁ ଗୁରୁତ୍ୱ ଗୁରୁତ୍ୱ ଦିଆଯାଇନଥାଏ । **(ଉଦ୍ଧୃତ ମଲ୍‌ଫୁଜାତ୍ ଖଣ୍ଡ-୯, ପୃଷ୍ଠା-୬-୭, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)** ଏବଂ ଗୈରୁଲାହା (ଅଲ୍ଲାଃଙ୍କ ବ୍ୟତୀର ଅନ୍ୟକୁ) ମନୁଷ୍ୟ ଅଧିକ ଗୁରୁତ୍ୱ ଦେଇଥାଏ । ଯଦି ଅଲ୍ଲାଃତାଲାଙ୍କ ଉପରେ

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 23 FEB 2017 Issue No. 8

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-


ପୁର୍ଣ୍ଣ ବିଶ୍ୱାସ ରହେ ତେବେ ଅବହେଳା କିପରି ହେବ । ତେଣୁ ଆଜିକାଲି ଦୁନିଆରେ ଯେଉଁ ଅବସ୍ଥା ଘଟୁଛି ତାହାର ଖରାପ ପ୍ରଭାବରୁ ନିଜକୁ ଏବଂ ନିଜର ସନ୍ତାନ ସନ୍ତତିମାନଙ୍କୁ ବଂଚାଇବା ପାଇଁ ଅଲ୍ଲାଙ୍କ ପ୍ରତି ନିଷ୍ଠାର ସହିତ ନତମସ୍ତକ ହେବା ବହୁତ ଜରୁରୀ ଅଟେ ଏବଂ ଏହି ନତମସ୍ତକ ହେବାର ଉପାୟ ଅଲ୍ଲାଃତାଲା ଏବଂ ତାର ରସୁଲ ଏବଂ ଏ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ଏହା ବତାଇଛନ୍ତି ଯେ ନିଜ ନମାଜକୁ ପାଳନ କରିବା ଓ ତାର ସୁରକ୍ଷା କରିବା ପାଇଁ ଆମକୁ ଧ୍ୟାନ ଦେବାକୁ ହେବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ଯାଗାରେ କହୁଛନ୍ତି ଯେ ''ମନେରଖ ଯେ ଏହି ସିଲ୍‌ସିଲାରେ ଦାଖଲ ହେବା ଦ୍ୱାରା ସଂସାରପ୍ରାପ୍ତି ତୁମର ଲକ୍ଷ୍ୟ ନ ହେଉ ବରଂ ଅଲ୍ଲାଃତାଲାଙ୍କର ସାନିଧ ପ୍ରାପ୍ତ କରିବା ଲକ୍ଷ୍ୟ ହେଉ କାରଣ ଏ ସଂସାର ତ ଶେଷ ହେବାର ସ୍ଥାନ ଅଟେ । ତାହା କୌଣସି ନା କୌଣସି ଉପାୟରେ ଶେଷ ହୋଇଯିବ ।'' ଫାର୍ଶୀ ଭାଷାରେ ଗୋଟିଏ ପଦ ଅଛି ଆପଣ କହୁଛନ୍ତି ଯେ–

**''ଶବେ ତନ୍‌ଉର୍ ଗୁଜଶ୍‌ତ ଓ୍ୱ ଶବେ ସମୁର୍ ଗୁଜଶ୍‌ତ''**

(ଅର୍ଥାତ୍ ରାତି ଥଣ୍ଡା ହେଉ ବା ଗରମ ହେଉ ନିଶ୍ଚିତ ରୂପେ ବିତିଯିବ । ଅବସ୍ଥା ଭଲ ହେଉ ବା ଖରାପ ହେଉ ନିଶ୍ଚିତ ରୂପେ ବିତିଯିବ) ପୁଣି କହିଲେ ଯେ ''ସଂସାର ଓ ତାର ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ରୂପେ ଅଲଗା ରଖନ୍ତୁ । ତାକୁ ଦୀନ୍ (ଧର୍ମ) ସହିତ କଦାପି ମିଶାଓ ନାହିଁ କାରଣ ଏ ସଂସାର ନିଃଶେଷ ହୋଇଯିବା ଜିନିଷ ଅଟେ । କିନ୍ତୁ ଦୀନ୍ ଏବଂ ତାର ଫଳ ବାକି ରହିଯିବ । ଏ ସଂସାରର ବୟସ ବହୁତ କମ୍ ଅଟେ । ତୁମେ ଦେଖୁଅଛ ଯେ ପ୍ରତ୍ୟେକ ମୁହୁର୍ତ୍ତରେ ଓ ପ୍ରତ୍ୟେକ ସମୟରେ ହଜାର ହଜାର ଲୋକ ମରୁଛନ୍ତି । ବିଭିନ୍ନ ପ୍ରକାର ବ୍ୟାଧି ଓ ରୋଗ ଦୁନିଆକୁ ଶେଷ କରିଦେଉଛି । କେତେବେଳେ ହଇଜା ଗ୍ରାସ କରୁଛି ତ କେତେବେଳେ ତାଉନ୍ (ପ୍ଲେଗ୍) ରୋଗରେ ଲୋକମାନେ ମରୁଛନ୍ତି ।'' (ସେହି ସମୟରେ ତାଉନ୍ ବ୍ୟାପିଥିଲା) ''କିଏ ଜାଣେ ଯେ କିଏ କେତେ ସମୟ ଜୀବିତ ରହିବ । ଯଦି ମୃତ୍ୟୁର ଠିକଣା ନାହିଁ ଯେ ସେ କେତେବେଳେ ଆସିଯିବ ତେବେ କେତେବଡ଼ ଭୁଲ୍ ଓ ଅଶିଷ୍ଟତା ଏହା ଅଟେ ଯେ ତା ଠାରୁ ଦୂରେଇ ରହିବ । ତେଣୁ ଏହା ଜରୁରୀ ଅଟେ ଯେ ପରକାଳର ଚିନ୍ତା କର । ଯିଏ ପରକାଳର ଚିନ୍ତା କରିବ ଅଲ୍ଲାଃତାଲା ଏ ସଂସାରରେ ତା ଉପରେ ଦୟା କରିବେ । ଅଲ୍ଲାଃତାଲାଙ୍କର ପ୍ରତିଶୃତି ଏହା ଅଟେ ଯେ ଯେବେ ମନୁଷ୍ୟ ପୁର୍ଣ୍ଣ ମୋମିନ ହୋଇଯାଏ ତେବେ ସେ ତାର ଏବଂ ତା ଛଡ଼ା ଅନ୍ୟ ମଧ୍ୟରେ ଫରକ ରଖି ଦେଇଥାଏ । ତେଣୁ ପ୍ରଥମେ ମୋମିନ୍ ହୁଅ ଏବଂ ଏହା ସେ ଅବସ୍ଥାରେ ହୋଇପାରିବ ଯେ ବୟତ୍‌ର ନିଷ୍ଠାପର ଉଦ୍ଦେଶ୍ୟର ସହିତ ଯାହା ଅଲ୍ଲାଃଙ୍କୁ ପାଇବା ପାଇଁ ତକ୍‌ଓ୍ୱା ଉପରେ ପରିବେଷ୍ଟିତ ତାକୁ ସାଂସାରିକ ଉଦ୍ଦେଶ୍ୟ ସହିତ କଦାପି ମିଶାଅ ନାହିଁ । ନମାଜକୁ ଉଚିତ୍ ସମୟରେ ପାଳନ କର ଓ ତୌବା ଓ ଇସ୍‌ତେଗ୍‌ଫାର୍‌ରେ ଲାଗିପଡ଼ । ମାନବ ଜାତିର ହକ୍‌ର ସୁରକ୍ଷା କର ଏବଂ କାହାକୁ ଦୁଃଖ ଦିଅ ନାହିଁ । ସତ୍ୟତା ଓ ପବିତ୍ରତାରେ ଉନ୍ନତି କର । ତେବେ ଯାଇ ଅଲ୍ଲାଃତାଲା ସବୁ ପ୍ରକାର ଅନୁଗ୍ରହ କରିବେ । ସ୍ତ୍ରୀ ଲୋକମାନଙ୍କ ମଧ୍ୟ ନିଜ ଘରେ ଉପଦେଶ ଦିଅ ଯେ ସେମାନେ ନମାଜକୁ ଉଚିତ୍ ସମୟରେ ପାଠ କରନ୍ତୁ । ସେମାନଙ୍କୁ ନିନ୍ଦା ଓ ଅପବାଦ ଓ ଗିବତ୍‌ରୁ ବିରତ କର । ସେମାନଙ୍କୁ ପବିତ୍ରତା ଓ ସତ୍ୟତା ଶିକ୍ଷାଅ । ଆମପାଇଁ କେବଳ ବୁଝେଇଦେବା ହିଁ ଧାର୍ଯ୍ୟ ଅଛି । ତା ଉପରେ ଅମଳ କରିବା ତୁମର କାର୍ଯ୍ୟ ଅଟେ । **(ମଲ୍‌ଫୁଜାତ୍ ଖଣ୍ଡ-୬, ପୃଷ୍ଠା-୧୪୫-୧୪୬, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)**

ଅନ୍ୟକୁ ବୁଝାଅ, ସ୍ତ୍ରୀ ମାନଙ୍କୁ ବୁଝାଅ ବା ପିଲାମାନଙ୍କୁ ବୁଝାଅ ସେଥିପାଇଁ ନିଜେ ମଧ୍ୟ ପବିତ୍ରତା ଏବଂ ସତ୍ୟବାଦୀର ନମୁନା ଦେଖାଇବାକୁ ହେବ ।

ପୁଣି କହିଲେ ଯେ ପାଂଚବେଳା ନିଜ ନମାଜରେ ଦୁଆ କର । ନିଜ ଭାଷାରେ ମଧ୍ୟ ଦୁଆ କରିବା ମନା ନୁହେଁ । ସେ ପର୍ଯ୍ୟନ୍ତ ନମାଜରେ ମଜା ଆସିନଥାଏ ଯେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନତମସ୍ତକ ନ ହୋଇଛ (ଅର୍ଥାତ୍ ବିଶେଷ ରୂପେ ଧ୍ୟାନ ନ କରିଛ ଏବଂ ହଜୁରେ କଲ୍‌ବ (ହୃଦୟର ନମ୍ରତା ସେ ପର୍ଯ୍ୟନ୍ତ ହୁଏ ନାହିଁ ଯେ ପର୍ଯ୍ୟନ୍ତ ବିନୟଭାବ ନହୋଇଛି । ଯେତେବେଳେ ବିନୟଭାବ ଜନ୍ମ ହୁଏ ସେତେବେଳେ ଜାଣି ହୁଏ ଯେ ମୁଁ କଣ ପଢୁଅଛି । ତେଣୁ ନିଜ ଭାଷାରେ ନିଜର ଅର୍ଥ ପ୍ରକାଶ କରିବା ପାଇଁ ଏକ ପ୍ରକାର ଜୋସ୍ ଓ ଅଧିରତା ସୃଷ୍ଟି ହୋଇଥାଏ । କିନ୍ତୁ ଏଥିରୁ ଏହା କଦାପି ବୁଝିବା ଉଚିତ୍ ନୁହେଁ ଯେ ନମାଜକୁ ନିଜ ଭାଷାରେ ହିଁ ପଢ଼ । ନୁହେଁ, ମୋର କହିବାର ଅର୍ଥ ଯେ ମସ୍‌ନୁନ୍ ଅଦୀୟା (ସୁନ୍ନତ୍‌ରେ ବର୍ଣ୍ଣିତ ଦୁଆ)କୁ କହିବା ପରେ ନିଜ ଭାଷାରେ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ଉକ୍ତ ଶବ୍ଦ ଗୁଡିକରେ ଏକ ପ୍ରକାର ବର୍‌କତ୍ ରଖିଛନ୍ତି । ନମାଜ ଦୁଆର ଅନ୍ୟନାମ ଅଟେ । ତେଣୁ ନମାଜରେ ଦୁଆ କର ଯେ ଅଲ୍ଲାଃତାଲା ତୁମକୁ ଇହକାଳ ଓ ପରକାଳର ଦୁଃଖ କଷ୍ଟରୁ ବଂଚାନ୍ତୁ ଏବଂ ଶେଷ ସମୟର ସୁରୁଖୁରୁ ହେଉ । ତୁମର ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃଙ୍କ ଇଚ୍ଛା ଅନୁସାରେ ହେଉ । ନିଜର ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ପୁଣ୍ୟବାନ୍ ମନୁଷ୍ୟ ହୁଅ ଓ ପ୍ରତ୍ୟେକ ପ୍ରକାର କୁ କାର୍ଯ୍ୟରୁ ନିବୃତ ରୁହ ।

**(ମଲ୍‌ଫୁଜାତ୍ ଖଣ୍ଡ-୬, ପୃଷ୍ଠା-୧୪୫-୧୪୬, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)**

ଅଲ୍ଲାଃତାଲା ଆମ୍ଭକୁ ନିଜ ନମାଜର ସୁରକ୍ଷା କରିବାର ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମ୍ଭକୁ ତାହାର ଅଭ୍ୟସ୍ତ କରାନ୍ତୁ ଏବଂ ନିଷ୍ଠାପର ଭାବରେ କେବଳ ଅଲ୍ଲାଃଙ୍କ ପ୍ରିତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ନମାଜ ପାଠ କରିବାର ଶକ୍ତି ପ୍ରଦାନ କରନ୍ତୁ । କଦାପି ଆମେ ଏଥିରେ ଅବହେଳା କିମ୍ୱା ଅଳସୁଆମି ପ୍ରଦର୍ଶନ ନକରୁ । ଏକଥା ବୁଝିବାକୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ କି ଆଜି ପୃଥିବୀକୁ ସମସ୍ତ ପ୍ରକାରର ବିପତି ଓ ସମସ୍ୟାରୁ ଆମେ ସେତେବେଳେ ମୁକ୍ତ ଲାଭ କରିପାରିବା ଯେତେବେଳେ ଆମେ ଅଲ୍ଲାଃତାଲାଙ୍କ ଉପାସନାର କର୍ତବ୍ୟ ସଠିକ୍ ରୂପେ ସମ୍ପାଦନ କରିବା । ଅଲ୍ଲାଃତାଲା ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan